

ଟିପ୍ପଣୀ

## ଏକକ-୧ : ଭାଷା କ'ଣ ?

ସଂରଚନା


୧.୦. ଉପକ୍ରମ

୧.୧. ଶିକ୍ଷଣ ଉଦ୍ଦେଶ୍ୟ

୧.୨. ପରିସର

୧.୩. ଭାଷା ଓ ବ୍ୟାକରଣ

୧.୩.୧. ଧ୍ୱନି ଶୃଙ୍ଖଳା ଓ ଭାଷା

୧.୩.୨. ଶବ୍ଦ ଗଠନ

୧.୩.୩. ବାକ୍ୟ ଗଠନ

୧.୩.୪. ସଂବାଦ ବ୍ୟାଖ୍ୟାନ ଗଠନ

୧.୪. ମାନକ ଭାଷା

୧.୫. ଭାଷାର ମନସ୍ତାତ୍ତ୍ୱିକ ଦିଗ

୧.୬. ଭାଷାର ସାମାଜିକ ଦିଗ

୧.୭. ଭାଷା ଓ ସାହିତ୍ୟ

୧.୮. ଭାଷାରେ ପାରଦର୍ଶୀତା

୧.୯. ସାରାଂଶ

୧.୧୦. ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୧.୧୧. ପାଠାନ୍ତ ପ୍ରଶ୍ନାବଳୀ


## ୧.୦ : ଉପକ୍ରମ

ଭାଷା କ'ଣ ଏହି ଏକକରେ ବ୍ୟାଖ୍ୟା କରିବା। ଭାଷାର ସଂଜ୍ଞା କଣ ଓ ପରିସର କ'ଣ ? ଭାଷାରେ ବ୍ୟାକରଣର ଭୂମିକା କ'ଣ। ଆମେ ଧ୍ୱନି ଶବ୍ଦ ଗଠନ, ବାକ୍ୟ ଗଠନ ବାକ୍ୟଗଠନ ଏବଂ ଭାବ ଓ ଭାଷାର ବିନିମୟ ସମ୍ପର୍କରେ ଆମେ କିପରି ଜ୍ଞାନ ଆହରଣ କରିଥାଉ ? ଭାଷାରେ ମନସ୍ତାତ୍ତ୍ୱିକ ଏବଂ ସାମାଜିକ ଦିଗ ସମ୍ପର୍କରେ ଆମେ ଆଲୋଚନା କରିବା। ଅତି ସଂକ୍ଷେପରେ ଭାଷାରେ ପାରଦର୍ଶୀତାର ଗୁରୁତ୍ୱ କ'ଣ ଏବଂ କିପରି ଭାଷାରେ ବିଭିନ୍ନ ମୂଲ୍ୟାୟନ ଏବଂ ଆକଳନ କୌଶଳ ଅନୁସୃତ ହୁଏ। ସେ ସମ୍ପର୍କରେ ଅତି ସଂକ୍ଷେପରେ ଆଲୋଚନା କରିବା। ଆମେ ମଧ୍ୟ ଭାଷା ଓ ଏହା ସହିତ ସାହିତ୍ୟର କ'ଣ ସମ୍ପର୍କ ଅଛି, ସେ ସମ୍ବନ୍ଧରେ ଆଲୋଚନା କରିବା।

## ୧.୧. ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକଟି ମୁଖ୍ୟତଃ ଭାଷାର ସ୍ୱରୂପ ଓ ଗଠନ ଉପରେ ଆଧାରିତ। ଏହି ଏକକଟି ପାଠ କରିବା ପରେ ଆପଣ:

- ଭାଷା କହିଲେ କ'ଣ ବୁଝାଯାଏ କହିପାରିବେ।
- ଭାଷା ସହିତ ସମାଜର କ'ଣ ସମ୍ପର୍କ ରହିଛି ସେ ସମ୍ପର୍କରେ ବୁଝାଇପାରିବ।
- ମଣିଷର ଭାଷା ସମ୍ପର୍କିତ ଅନ୍ତର୍ନିହିତ ବିଭବଗୁଡିକ କ'ଣ ସେ ସମ୍ବନ୍ଧରେ କହିପାରିବ।

ଟିପ୍ପଣୀ

❖ ଭାଷାର ପ୍ରକୃତି ଓ ଗଠନ ସମ୍ବନ୍ଧରେ କହିପାରିବେ।

❖ ଭାଷା କିପରି ବ୍ୟବହାର କରାଯାଏ, ତାହା କହିପାରିବେ।

❖ ଭାଷା ଶିକ୍ଷଣର ଆକଳନ ପାଇଁ ସାଧନାଗୁଡ଼ିକ ସମ୍ବନ୍ଧରେ କହିପାରିବେ।

❖ ଔପଚାରିକ ଏବଂ ଅନୌପଚାରିକ ବାର୍ତ୍ତା ବିନିମୟ ମଧ୍ୟରେ ପାର୍ଥକ୍ୟ କ'ଣ ତାହା ଦଶାଇପାରିବ।

❖ ଭାଷାରେ ନିପୁଣତା ସ୍ତରର ଦକ୍ଷତାଗୁଡ଼ିକ କ'ଣ ?

❖ ଭାଷା ଶିକ୍ଷଣର ମୂଲ୍ୟାୟନ ପାଇଁ ଉଦ୍ଦିଷ୍ଟ ପ୍ରଣାଳୀଗୁଡ଼ିକ କ'ଣ ?

## ୧.୨. ଭାଷାର ପରିସର ଓ ଗୁରୁତ୍ୱ

ଭାଷାକୁ ବାସ୍ତବରେ ଦୁଇଟି ଦୃଷ୍ଟିକୋଣରୁ ଦେଖାଯାଇପାରେ। ସାଧାରଣ ଲୋକଙ୍କ ଭାଷାରେ କଥାବାର୍ତ୍ତା ପାଇଁ ଭାଷା ଏକ ମାଧ୍ୟମ ବୋଲି କୁହାଯାଇପାରେ, ଭାଷାତତ୍ତ୍ୱବିତ୍‌ମାନେ ଏହାକୁ ଅଭିଧାନ ଓ ବ୍ୟାକରଣରେ ଯୋଡି ଏହାର ଅନ୍ୟ ଭାଷା ସହ ସମ୍ପର୍କ କଣ ଜାଣିବାକୁ ଚେଷ୍ଟା କରିଛନ୍ତି। ଏହି ଦୁଇଟି କଥା ଯଥା ସାଧାରଣ ବ୍ୟକ୍ତିଙ୍କ ଭାଷା ଓ ଭାଷାତତ୍ତ୍ୱବିତ୍‌ଙ୍କ ଅଭିଧାନ ଓ ବ୍ୟାକରଣ, ଭାଷାର ବ୍ୟବହାରିତାକୁ ସୀମିତ କରିଦିଏ। ଏହି ଦୃଷ୍ଟିକୋଣରୁ ଆମେ ସ୍ୱୀକର କରିବା ଯେ ଭାଷା ତା' ପରେ ମଣିଷ। ଏହା ବୁଝିବାକୁ କୌଣସି ଅସୁବିଧା ହେବ ନାହିଁ ଯେ ଯଦି ମଣିଷ ନ ଥାନ୍ତେ, ଭାଷା ନ ଥାନ୍ତା। ଯଦି ଭାଷା ନଥାନ୍ତା ତେବେ କାହାର ବ୍ୟାକରଣ ଓ ଅଭିଧାନ ଲେଖା ହୋଇ ନ ଥାନ୍ତା ? ଯଦି ମଣିଷ ନାହାନ୍ତି, ତା' ହେଲା ଭାଷା ନାହିଁ। ତେଣୁ ଏହା ସତ୍ୟ ଯେ ପ୍ରଥମେ ମଣିଷ ଓ ପରେ ଭାଷା। ମଣିଷଙ୍କୁ ନେଇ ଏକ ସମାଜ ହୁଏ ଏବଂ ମଣିଷ ମିଳିମିଶି ନିଜ ଭାଷାକୁ ସୃଷ୍ଟି କରନ୍ତି ଏବଂ ଧୀରେ ଧୀରେ ଏହାକୁ ବିକଶିତ କରନ୍ତି। ଏହି ବିକାଶର ପ୍ରକ୍ରିୟାରେ ଦିଗ ଗୁଡାଏ (Aspects) ଯୋଡି ହୋଇଯାଏ। ଏହା ସମ୍ବନ୍ଧରେ ସାଧାରଣ ଲୋକ ଚିନ୍ତା କରନ୍ତି ନାହିଁ ଏବଂ ଅନେକ ମନୋବୈଜ୍ଞାନିକ ମଧ୍ୟ ଜାଣିପାରନ୍ତିନି। ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ ଯେ ଯେପରି ମଣିଷର ବିକାଶ ଧୀରେ ଧୀରେ ହେଇଛି ଏବଂ ସେହି ପରିପ୍ରେକ୍ଷୀରେ ଭାଷାର ବିକାଶ ଓ ଗଠନ ତଥା ଭାଷା ଶିଖିବାର ନିପୁଣତା/ଦକ୍ଷତାର ମଧ୍ୟ ବିକାଶ ହୋଇଛି। ଏହି ବିକାଶର କୌଣସି ଆବଶ୍ୟକତା ନ ଥାନ୍ତା, ଯଦି ସମାଜ ନ ଥାଆନ୍ତା। ଏଣୁ ଭାଷାର ପରିଭାଷା ଅନୁଯାୟୀ ଏହା ଆମେ ବୁଝିବାକୁ ଚେଷ୍ଟା କରିବା ଯେ ମଣିଷ, ମଣିଷର ମସ୍ତିଷ୍କ ଏବଂ ସମାଜକୁ ନେଇ ଏକା ସାଙ୍ଗରେ ଆମକୁ ଚିନ୍ତା କରିବାକୁ ପଡିବ।

ପ୍ରଥମତଃ ଭାଷା ଜଣେ ବ୍ୟକ୍ତିଙ୍କ ପରିଚୟ ଅଟେ। ଯେତେବେଳେ କେହି ଜଣେ କହୁଛି ଯେ ସେ 'ଗୋଣ୍ଡି' କହୁଛି ତା ଅର୍ଥ ନୁହେଁ ଯେ ସେ କେଉଁ ଭାଷା କହୁଛି। ସେ ଏହା ମଧ୍ୟ କହୁନାହିଁ। ଯେ ସେ କେଉଁ ସମାଜର ସଦସ୍ୟ ଏବଂ ସେ କେଉଁ ସମାଜର ପ୍ରଥାଗୁଡ଼ିକୁ ମାନୁଛି, କେଉଁ ଜାଗାର ଲୋକ ତାକୁ ଚିହ୍ନନ୍ତି। ଅନ୍ୟ ପକ୍ଷରେ ତା'ର ଭାଷା ତା'ର ନିଜ ସଂପ୍ରଦାୟ ଗୋଷ୍ଠୀ ତଥା ସମାଜର ପ୍ରଥା ଇତ୍ୟାଦିକୁ ପରିପ୍ରକାଶ କରୁଛି। ଏହାକୁ ନେଇ ତାର ସମାଜ ବଞ୍ଚେ। କିଏ ବଡ, କିଏ ଛୋଟ, କିଏ ସ୍ନେହର ଏବଂ କିଏ ଘୃଣାର ପାତ୍ର ଏସବୁ କଥା ତାର ଭାଷା ମାଧ୍ୟମରେ ପ୍ରକାଶିତ ହୁଏ। ଭାଷା ସେହି ମାଧ୍ୟମ ଯାହା ଛୋଟବଡ ତଥା ଉଚ୍ଚନିଚ୍ଚର ଭାବକୁ ଯୁଗ ଯୁଗ ଧରି ଚଳାଏ।

ମାନସିକ ଦୃଷ୍ଟିକୋଣରୁ ମଧ୍ୟ ଭାଷାର ବିଶେଷ ମହତ୍ତ୍ୱ ରହିଛି। ଏହା ଆଶ୍ଚର୍ଯ୍ୟର କଥା ଯେ

ଟିପ୍ପଣୀ

ପୃଥିବୀର ସମସ୍ତ ଛୋଟ ପିଲା ଯେ କୌଣସି ସମାଜରେ ପାଳିତ ହେଉ ବା ଯେକୌଣସି ଭୌଗଳିକ ଅବସ୍ଥାରେ ବାସ କରେ, ଚାରି ବର୍ଷ ବୟସ ଭିତରେ ଭାଷା ଦୃଷ୍ଟିକୋଣରୁ ଜଣେ ବୟସ୍କ ହୋଇଯାଏ। ଅର୍ଥାତ ୪ ବର୍ଷ ମଧ୍ୟରେ ପ୍ରତ୍ୟେକ ଛୋଟ ପିଲା ଜଣେ ବୟସ୍କ ଭଳିଆ କଥାବାର୍ତ୍ତା କରିପାରେ। ସେ ଠିକ୍ ଶବ୍ଦ ବ୍ୟବହାର କରି ଭାଷାର ନୀତି ଅନୁଯାୟୀ ବାକ୍ୟ ଗଠନ କରିପାରେ। ଆମକୁ କୌଣସି କଷ୍ଟ ଅନୁଭବ ହୁଏନାହିଁ ଯେ ଆମେ ୪ ବର୍ଷର ଛୋଟ ପିଲା ସହ ବାର୍ତ୍ତାଳାପ କରୁଛୁ। ତାକୁ ଆମେ ଗପ ଶୁଣାଇ ପାରିବା ଓ ପ୍ରତିଦିନ ତା'ଠାରୁ ଗପ ଶୁଣି ପାରିବା।

ଆହୁରି ଅନ୍ୟ ଏକ ଭାଷାର ପକ୍ଷ ଯାହା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ। ଭାଷା ଏକ ମାଧ୍ୟମ, ଯାହା ଦୂରତ୍ୱକୁ ହ୍ରାସ କରେ। ହଜାର ମାଇଲ ଦୂରରେ ଥିବା ଆପଣଙ୍କ ବନ୍ଧୁଙ୍କ ଫୋନ୍ ଆପଣ ଯଦି ଉଠାଇ ନାହାନ୍ତି,ତେବେ ସେ ଅତ୍ୟକ୍ତ ଓ ବ୍ୟତିବ୍ୟସ୍ତ ହୋଇ ପଡିବ। କିନ୍ତୁ କିଛି ସମୟ ପରେ ଆପଣ ଯଦି ତାଙ୍କୁ ଫୋନ୍ କରନ୍ତି, ତାଙ୍କର ରାଗ ଧିରେ ଧିରେ ଶାନ୍ତ ହୋଇଯାଏ। ଏହା କିପରି ଘଟେ ? ଏହା କେବଳ ଉଦ୍ଦିଷ୍ଟ ପ୍ରସଙ୍ଗ ପାଇଁ ଭାଷାର ବ୍ୟବହାର।

ଏହା ଏକ ସାଧାରଣ କଥା ଯେ ଛୋଟ ପିଲାଏ ସେମାନଙ୍କ ପଡୋଶୀ, ବନ୍ଧୁ, ପରିବାରର ବ୍ୟକ୍ତିସମୂହ ତଥା ପରିବେଶରୁ ଭାଷା ଆହରଣ କରିଥାନ୍ତି। ଭାଷା ଆହରଣ କରିବା ବା ଶିଖିବାର କ୍ଷମତା କେବଳ ଯେ ଗୋଟିଏ ଭାଷାରେ ସୀମିତ ରହିଯାଏ, ତାହା ସତ୍ୟ ନୁହେଁ। ପ୍ରତ୍ୟେକ ବ୍ୟକ୍ତିର ଭାଷା ପ୍ରତ୍ୟେକଙ୍କର ଭିନ୍ନ ଭିନ୍ନ ଭାଷା ଶିଖିବାର କ୍ଷମତା ରହିଛି। ବାସ୍ତବରେ ବହୁ ଭାଷା ଶିଖିବା ବା ଆହାରଣ କରିବା ମଣିଷ ପାଇଁ ସ୍ୱାଭାବିକ ଏବଂ ଏହା ତାର ପରିଚୟ।

ଭାଷାର ଗଠନାତ୍ମକ ପକ୍ଷଗୁଡିକ ସନ୍ଧାନ ବା ଅନୁସନ୍ଧାନ କରିବାର ଆବଶ୍ୟକତା ଅଛି। ଏହା ବିଷୟରେ ଆମେ ପର ଏକକରେ ଆଲୋଚନା କରିବା। ଭାଷାର ସାମଗ୍ରିକ ଦୃଷ୍ଟିକୋଣରୁ ଦେଖିଲେ ପ୍ରତ୍ୟେକ ଭାଷାର କିଛି ନୀତି ଓ ନିୟମ ଅଛି। ଏହି ନୀତି ଓ ନିୟମଗୁଡିକ ଭାଷାର ଧ୍ୱନି, ଶବ୍ଦ, ବ୍ୟାକରଣ ଓ ଶବ୍ଦ ବିନ୍ୟାସ ଉପରେ ନିର୍ଭର କରିଥାଏ। ଆମେ ଭାଷାର ଧ୍ୱନିକୁ ଆମ ଇଚ୍ଛା ଅନୁସାରେ ବ୍ୟବହାର କରିପାରିବା ନାହିଁ। ଆମକୁ ଭାଷାର କଡାକଡି ନିୟମ ମାନିବାକୁ ପଡିବ।

ଆପଣ ନିଶ୍ଚିତ ଭାବେ ଏହା ଜାଣିବା ଉଚିତ୍, ଭାଷାର ପ୍ରକୃତି ଏବଂ ବ୍ୟବହାର ଏପରି ଯେ ଏହା ନିରନ୍ତର ପରିବର୍ତ୍ତନ ପ୍ରକ୍ରିୟା ମଧ୍ୟରେ ଗତି କରିଥାଏ। କିନ୍ତୁ ଏହି ପରିବର୍ତ୍ତନ ପ୍ରକ୍ରିୟା ଏତେ ମନ୍ଥର ଯେ ସେମାନେ ଭାବନ୍ତି, ସେମାନେ ଯେଉଁ ଢଙ୍ଗରେ ଭାଷା କହୁଛନ୍ତି ତାଙ୍କ ପିଲାମାନେ ସେହି ଏକ ପ୍ରକାରର ଭାଷା କହୁଛନ୍ତି। କିନ୍ତୁ ଏକଥା ସତ୍ୟ ଯେ ସେମାନଙ୍କ ନାତିନାତୁଣୀ କହୁଥିବା ଭାଷା ଜେଜେବାପା ଜେଜେମାଆଙ୍କଠାରୁ ଭିନ୍ନ।

**ନିଜ ପ୍ରଗତିକୁ ପରଖି ଦେଖ-୧**

୧. ଜଣେ ଭାଷାତତ୍ତ୍ୱବିତ୍‌ଙ୍କ ପାଇଁ ନିମ୍ନ ମଧ୍ୟରୁ କେଉଁଟି ଗୁରୁତ୍ୱପୂର୍ଣ୍ଣ ?

   କ) ଶବ୍ଦ ଓ ବାକ୍ୟ

   ଖ) ଧ୍ୱନି ତତ୍ତ୍ୱ ଓ ବାକ୍ୟ

   ଗ) ଅଭିଧାନ ଓ ବ୍ୟାକରଣ

   ଘ) ଧ୍ୱନି ଧ୍ୱନି ଓ ବ୍ୟାକରଣ

୨. ପରିବେଶ ଛୋଟ ପିଲାମାନଙ୍କୁ ଭାଷା ଆହରଣ ଓ ଶିକ୍ଷା ପାଇଁ କିପରି ସାହାଯ୍ୟ କରେ ?

ଟିପ୍ପଣୀ

୩. ଭାଷା ହିଁ ଜଣେ ବ୍ୟକ୍ତିର ପରିଚୟ । ଏହା କିପରି ତାହା ବୁଝାଅ ।

## ୧.୩- ଭାଷା ଓ ବ୍ୟାକରଣ

ଲୋକେ ପ୍ରାୟତଃ ଶୁଦ୍ଧ ଓ ଅଶୁଦ୍ଧ ଭାଷା ମଧ୍ୟରେ ପାର୍ଥକ୍ୟ ଜାଣନ୍ତି ।ନିଜ ଭାଷାରେ କଥା କହିବାର ପ୍ରଶ୍ନ ଯେତେବେଳେ ଉଠେ କହିବା ବ୍ୟକ୍ତି ପ୍ରାୟତଃ ତ୍ରୁଟି କରନ୍ତି ନାହିଁ । କିନ୍ତୁ ଦୈବାତ୍ ଯଦି ସାମାନ୍ୟ ତ୍ରୁଟି ପରିଲକ୍ଷିତ ହୁଏ ଆପଣ ଆପଣଙ୍କ କ୍ଷମତା ଅନୁଯାୟୀ ସେଗୁଡିକ ସୁଧାରି ନିଅନ୍ତି । ଅଶୁଦ୍ଧ ଭାଷାର ପ୍ରଶ୍ନ ସେତେବେଳେ ଉଠିଥାଏ ଯେତେବେଳେ ଆପଣ ଅନ୍ୟ ଏକ ଭିନ୍ନ ଭାଷା ସମାଜ କିମ୍ବା ବିଦେଶୀ ଭାଷା ଶିଖୁଛନ୍ତି କିମ୍ବା ଭାଷାର କୌଣସି ଏକ ରୂପକୁ ଆପଣ ମାନକ(Standred) ବୋଲି ବିଚାର କରନ୍ତି ଏବଂ ଏହା ସହ ସଂପୃକ୍ତ ବୋଲି ଅଥବା ନିପଟ ଗ୍ରାମାଞ୍ଚଳ ଭାଷା ବୋଲି ନାମ ଦିଅନ୍ତି । ଏହା ବିଷୟରେ ଆମ୍ଭେ ପରବର୍ତ୍ତୀ ଏକକମାନଙ୍କରେ ବିଚାର କରିବା ।

ପ୍ରତ୍ୟେକ ଭାଷା ବ୍ୟାକରଣ ସହ ସମ୍ପର୍କିତ । ତାହା ଧ୍ୱନି, ଶବ୍ଦ, ବାକ୍ୟ ବା ସଂବାଦସ୍ତରରେ ନିୟମବଦ୍ଧ ଅଟେ । ଏ ସମ୍ପର୍କରେ ଉଦାହରଣ ମାଧ୍ୟମରେ ଆମେ ଆଲୋଚନା କରିବା । ?

### *୧.୩.୧- ଧ୍ୱନି ସଂରଚନା*

ପ୍ରତ୍ୟେକ ଭାଷାର ନିଜର ଧ୍ୱନି ତତ୍ତ୍ୱ ରହିଛି, କିନ୍ତୁ ଏହି ଧ୍ୱନି ତତ୍ତ୍ୱ ଏପରି ଯେ ଏହାର ପରିସର ସୀମିତ । ପ୍ରତ୍ୟେକ ଭାଷାର ସୀମିତ ସଂଖ୍ୟାକ ଧ୍ୱନି ଅଛି । ଉଦାହରଣସ୍ୱରୂପ ସବୁ ଭାଷାରେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ଧ୍ୱନି ରହିଛି । ସେଗୁଡିକ କମ ବେଶି ହୋଇପାରେ. ସଂସାରରେ ବହୁତ କମ ଭାଷା ଅଛି ଯାହାର କି ସ୍ୱରବର୍ଣ୍ଣ ଧ୍ୱନି ସଂଖ୍ୟା ୩ରୁ କମ ହୋଇପାରେ । ଏମିତି ବି ଭାଷା ଅଛି ଯାହାର ସ୍ୱରବର୍ଣ୍ଣ ଧ୍ୱନି ସଂଖ୍ୟା ୨୦ ଅଥବା ୯ ହୋଇପାରେ, ବ୍ୟଞ୍ଜନ ବର୍ଣ୍ଣର ଧ୍ୱନି ସଂଖ୍ୟା ୩,୮,୧୦ରୁ ୪୦-୫- ହୋଇପାରେ । ଓଡ଼ିଆ, ହିନ୍ଦୀ ଓ ଇଂରାଜୀର ପାର୍ଥକ୍ୟ ନିମ୍ନରେ ଦିଆଗଲା ।

| ଭାଷା | ସ୍ୱରବର୍ଣ୍ଣ | ବ୍ୟଞ୍ଜନ ବର୍ଣ୍ଣ | ମୋଟ |
|---|---|---|---|
| ଇଂରାଜୀ | ୨୦ | ୨୪ | ୪୪ |
| ଓଡିଆ | ୧୩ | ୩୬ | ୪୯ |
| ହିନ୍ଦୀ | ୧୦ | ୩୩ | ୪୩ |

ଏହି ଧ୍ୱନିଗୁଡିକ(Sound) ଭାଷାର ବର୍ଣ୍ଣମାଳାରେ ତାଲିକାଭୁକ୍ତ ହୋଇ ନାହି । ଏଗୁଡିକ ଇଂରାଜୀ, ଓଡ଼ିଆ ଓ ହିନ୍ଦୀର ଖାପଖୁଆଇଲା ପରି ଧ୍ୱନି । ଏହି ଧ୍ୱନିଗୁଡିକର ନିର୍ଦ୍ଦିଷ୍ଟ ଗୁରୁତ୍ୱ ଅଛି । ଏଗୁଡିକ ଗୋଟିଏ ଭାଷାର କ୍ଷୁଦ୍ର ଅର୍ଥହୀନ ଧ୍ୱନି(Sound) ଯେଉଁ ଧ୍ୱନି ସହ ଶବ୍ଦର ଅର୍ଥଗୁଡିକ ପରିବର୍ତ୍ତନ କରିପାରନ୍ତି । ଉଦାହରଣସ୍ୱରୂପ:

| | | | |
|---|---|---|---|
| English | Kil<br>Pil | Kil<br>Pill | ହତ୍ୟା କରିବା<br>ବଟିକା |
| Odia | Kara<br>Para | tax<br>feather | କର ବା ଟିକସ<br>ପକ୍ଷୀର ପର |
| Hindi | Kal<br>Pal | tomorrow<br>moment | ଆସନ୍ତାକାଲି<br>କ୍ଷଣ |

ଉପରୋକ୍ତ ଉଦାହରଣଗୁଡିକ ସ୍ପଷ୍ଟ କହନ୍ତି ଯେ P/O/K ୩ଟି ଗୁରୁତ୍ୱପୂର୍ଣ୍ଣ ଧ୍ୱନି ଅଟନ୍ତି ।

ଆମେ କଣ ହିନ୍ଦୀ, ଇଂରାଜୀ ଓ ଓଡିଆର ୪୩, ୪୪ ଏବଂ ୪୯ ଧ୍ୱନିଙ୍କୁ ଆମେ ଇଚ୍ଛା ଅନୁସାରେ ଏକା ସାଙ୍ଗରେ ଚିହ୍ନିପାରିବା ? ଧ୍ୱନିକୁ ସଜାଇବାର କୌଣସି ନିୟମ ଅଛି କି ? ଯାହାକି ପ୍ରତ୍ୟେକ ବ୍ୟକ୍ତି ଜନ୍ମର ୪-୫ ବର୍ଷ ଭିତରେ ନିଜେ ଶିଖି ଯାଇଥାଏ ? ମାନିନିଅନ୍ତୁ ଯେ ଆମେ ହିନ୍ଦୀର ୨ଟି ବ୍ୟଞ୍ଜନ ବର୍ଣ୍ଣର ଧ୍ୱନିକୁ ଏକା ସାଙ୍ଗରେ ରଖିପାରିବା । ଯଥା କି 'ପ' ପ୍ରଥମ ବ୍ୟଞ୍ଜନ ଧ୍ୱନି ଅଟେ, ଆପଣ କଣ ଭାବୁଛନ୍ତି ଯେ ଦ୍ୱିତୀୟ ବ୍ୟଞ୍ଜନ ବର୍ଣ୍ଣ ଯାହା କିଛି ହୋଇପାରେ । ଟିକିଏ ଚିନ୍ତା କରନ୍ତୁ ।

* ପ୍ଲାବ୍     * ଷ୍ଟିଲ୍

* ପ୍ଲାବ୍     * ଷ୍ଟିଲ୍

କଣ ନିୟମ ଅଛି ଯାହାକି ଆମେ ସମସ୍ତେ ଜାଣୁ ? ନିୟମ-୧ ଯଦି ଶବ୍ଦ ପ୍ରାରମ୍ଭରେ ୨ଟି ବ୍ୟଞ୍ଜନ ଧ୍ୱନି ଅଛନ୍ତି ଏବଂ ପ୍ରଥମ ବ୍ୟଞ୍ଜନ ବର୍ଣ୍ଣ 'ପ' ହୁଏ । ତା ହେଲେ ଦ୍ୱିତୀୟ ବ୍ୟଞ୍ଜନ ବର୍ଣ୍ଣ ଧ୍ୱନି 'ୟ', 'ର' ଓ 'ଲ' ହେବ ।

ଏହି ନିୟମ ପ୍ରୟୋଗ କରି ଆପଣ ନିଜେ ଶବ୍ଦ ଗଠନ କରି ଦେଖନ୍ତୁ । ହିନ୍ଦୀର କୌଣସି ଶବ୍ଦକୋଷ ବା ଅଭିଧାନରେ ଟିକ୍ କି ଭୁଲ୍ ଦେଖନ୍ତୁ ।

ଧ୍ୱନି ଆଧାରିତ ଆଉ ଏକ ନିୟମକୁ ଦେଖିବା ଟିକିଏ ଚିନ୍ତା କରନ୍ତୁ ଯେ କୌଣସି ଶବ୍ଦର ଆରମ୍ଭରେ କୌଣସି ସ୍ୱରଧ୍ୱନି ଆସିବା ଆଗରୁ କେତୋଟି ବ୍ୟଞ୍ଜନ ଧ୍ୱନି ଆସିପାରିବେ ? Psychology, ଶବ୍ଦକୁ ନେଇ ପରୀକ୍ଷା କରନ୍ତୁ । ଯେପରିକି ଶବ୍ଦରେ 'ଠ' ସ୍ୱରଧ୍ୱନି ଆସିବା ପୂର୍ବରୁ ୩ଟି ବ୍ୟଞ୍ଜନ ଧ୍ୱନି ଅଛନ୍ତି । ସେଗୁଡିକ s/ସ, t/ଟା, r/ର ଅଟନ୍ତି ।

ଟିପ୍ପଣୀ

ହିନ୍ଦୀ ଓ ଓଡିଆରେ ନିମ୍ନ ଶବ୍ଦଗୁଡିକ ଦେଖନ୍ତୁ

| | | |
|---|---|---|
| ସ୍ମୃତି() | smriti | memory |
| ସ୍କ୍ରୁ() | skru | screw |

ଇଂରାଜୀରେ ନିମ୍ନ ଶବ୍ଦଗୁଡିକ ଦେଖନ୍ତୁ।

spray
street
scratch
splash
squash ଇତ୍ୟାଦି

ହିନ୍ଦୀ ବା ଇଂରାଜୀରେ କୌଣସି ଶବ୍ଦ ବ୍ୟଞ୍ଜନ ବର୍ଣ୍ଣ ସମୂହର ୪ ବା ଅଧିକ ଧ୍ୱନି (sound) ରେ ଆରମ୍ଭ ହୁଅନ୍ତି ଠିକ୍ ଜାଣିଥିବା ଭାଷାରେ ସେହି ଭଳି ହୁଏ କି ?

ନିୟମ- ୨ ହିନ୍ଦୀ ଭାଷାର ଧ୍ୱନି ବ୍ୟବସ୍ଥା ଅନୁସାରେ ଏହି ନିୟମଗୁଡିକ ଦେଖନ୍ତୁ।

(କ) ଗୋଟିଏ ସ୍ୱର ବର୍ଣ୍ଣ ଧ୍ୱନି ପୂର୍ବରେ ଚାରୋଟି କିମ୍ବା ଅଧିକ ବ୍ୟଞ୍ଜନ ବର୍ଣ୍ଣ ଧ୍ୱନି ପ୍ରାରମ୍ଭିକ ସ୍ଥାନରେ ବ୍ୟବହୃତ ହୋଇପାରିବେ।

(ଖ) ଏକ ସମୂହରେ ଯଦି ତିନୋଟି ବ୍ୟଞ୍ଜନ ବର୍ଣ୍ଣ ଧ୍ୱନି ବ୍ୟବହାର ସମୟରେ ସେମାନଙ୍କୁ ଗୋଟିଏ ଧାଡିରେ ସଜାଯାଏ। ଆମେ ବର୍ତ୍ତମାନ ବ୍ୟଞ୍ଜନ ଧ୍ୱନିମାନଙ୍କୁ c1,c2 ଏବଂ c3 ନାମ ଦେବା।

c1 କେବଳ/s/ସ ଧ୍ୱନି ହୋଇପାରେ । , c2 କେବଳ/p/ପ/t/ଟ/ କିମ୍ବା k/କ/ ଧ୍ୱନି ହୋଇପାରେ ଏବଂ c3 କେବଳ y/ୟ/r/ର/l/ଲ/ v/ଭ/ ଧ୍ୱନି ହୋଇପାରନ୍ତି ।

ଏହା ବର୍ତ୍ତମାନ ଅପଣଙ୍କ ପାଇଁ ବୁଝିବା ସହଜ ହୋଇଯାଇଥିବ।

### ୧.୩.୨- ଶବ୍ଦ ଗଠନ

ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବରେ ଶବ୍ଦ ଗଠନ ସ୍ତରରେ ଭାଷାକୁ ଶବ୍ଦ ଗଠନ(word formation) ସ୍ତରରେ ମଧ୍ୟ ସଂଯୋଜନା କରାଯାଇଥାଏ। ଗୋଟିଏ ବିଶେଷ୍ୟ ପଦର ଏକ ବଚନରୁ ବହୁ ବଚନକୁ କେମିତି ରୂପାନ୍ତରିତ ହେବ ବା ଗୋଟିଏ ବିଶେଷ୍ୟ ପଦ କିପରି ବିଶେଷଣ ପଦରେ ପରିଣତ ହେବ ସେସବୁର ଶବ୍ଦ ଗଠନ ନିୟମ ଦ୍ୱାରା ନିର୍ଦ୍ଧାରଣ ହୋଇଥାଏ। ନାନା ପ୍ରକାର ଶବ୍ଦ ପାଇଁ ନାନା ପ୍ରକାରର ନିୟମ ବ୍ୟବହାର ସୂତ୍ର ଅଛି। ନିୟମଗୁଡିକ ଏତେ ଶୃଙ୍ଖଳିତ ଯେ ଏକ ବ୍ୟଞ୍ଜନ ବର୍ଣ୍ଣରେ ଶେଷ ହୋଇଥିବା ଶବ୍ଦ ସହ କ'ଣ ଯୋଗ କଲେ ବହୁ ବଚନ ହେବ ତଥା ଏକ ସ୍ୱର ବର୍ଣ୍ଣରେ ଶେଷ ହୋଇଥିବା ଶବ୍ଦରେ କ'ଣ ଯୋଗ କଲେ ତାହା ବହୁ ବଚନ ହୋଇପାରିବ ଏଗୁଡିକ ପାଇଁ ମଧ୍ୟ ନିୟମ ଅଛି।

ହିନ୍ଦୀରେ ghar ଅର୍ଥ ଇଂରାଜୀରେ house ଏବଂ ladke ଅର୍ଥ ଇଂରାଜୀରେ boys ଏ ଶବ୍ଦ ଦୁଇଟି ଏକ ବଚନ ବିଶିଷ୍ଟ। ଏ ଦୁଇଟି ଶବ୍ଦର ବହୁ ବଚନ ରୂପ କ'ଣ ହେବ ? ଆମେ ଜାଣି ନାହୁଁ। କିନ୍ତୁ ଶୃଙ୍ଖଳିତ ନିୟମ ବ୍ୟବହାର କରେ ଆମେ ଏକବଚନକୁ ବହୁବଚନ କରିପାରିବା। ବର୍ତ୍ତମାନ ଆପଣ

କୁହନ୍ତୁ ladke/boys ଏକ ବଚନ କି ବହୁ ବଚନ । ନିମ୍ନଲିଖିତ ବାକ୍ୟଗୁଡିକୁ ଦେଖିବା

୧. Larke putbol khel rahe hain

୨. Larke he khannaa Khaayaa

୩. Mohan ke pass kai ghar hain

୪. Yah ghar bahut sundar hei

ବାକ୍ୟ ୧ ଓ ୩ ଏହା ସ୍ପଷ୍ଟ କରନ୍ତି ଯେ 'larke' ଏବଂ 'ghar' ବହୁ ବଚନ ଅଟନ୍ତି କାରଣ ଉଭୟ ବାକ୍ୟରେ Plural Marker hein କ୍ରିୟାରେ ଲାଗିଛି । କିନ୍ତୁ ଦେଖନ୍ତୁ ବାକ୍ୟ ୨ ଓ ୪ରେ ସେଇ ସମାନ ଶବ୍ଦ (ladke) ଏକ ବଚନ ଅଟେ ।

ବର୍ତ୍ତମାନ ଆମେ ଏହି ସମସ୍ୟାକୁ ବୁଝିବାକୁ ଚେଷ୍ଟା କରିବା ଯେ ଇଂରାଜୀରେ ଓ ବିଶ୍ୱର ଅନ୍ୟ କେତେକ ଭାଷାରେ ମଧ୍ୟ କେବଳ ଏକ ରକମର ବହୁବଚନର ରୂପ ହୁଏ । ଏହି ନୟିମାନୁସାରେ ହିନ୍ଦୀରେ ଯେ ସେହି ଏକବଚନ ରୂପ ହେବ, ଏହା ଠିକ୍ ନୁହେଁ । ସଂସ୍କୃତରେ ଏକବଚନ,ଦ୍ୱିବଚନ ଓ ବହୁବଚନରେ ୧୫-୧୬ ଅନ୍ୟ ଅନ୍ୟ ରୂପ ଅଛି । ହିନ୍ଦୀରେ ମଧ୍ୟ ଗୋଟିଏ ବିଶେଷ୍ୟ ଏକ, ଦୁଇ କିମ୍ୱା ତିନି ବହୁ ବଚନ ହୋଇପାରେ ଏବଂ ଏଗୁଡ଼ିକ ସମସ୍ତ ନିୟମ ଅନୁସାରେ ଘଟିଥାଏ । ବେଳେ ବେଳେ ସେଇ ଗୋଟିଏ ରୂପ ଉଭୟ ଏକବଚନ ଓ ବହୁବଚନ ହୋଇପାରେ । ନିମ୍ନ ଲିଖତ ତାଲିକାକୁ ଦେଖନ୍ତୁ:

| | | |
|---|---|---|
| କର୍ତ୍ତା | ଘର | ଘର |
| ବିଭକ୍ତି ପୂର୍ବ | ଘର | ଘରୋଁ |
| ସଂବୋଧନ | ଘର ! | ଘରୋ ! |

| | | |
|---|---|---|
| କର୍ତ୍ତା | ଲଡକା | ଲଡକ |
| ବିଭକ୍ତି ପୂର୍ବ | ଲଡକ | ଲଡକୋଁ |
| ସଂବୋଧନ | ଲଡକେ | ଲଡକୋ |

ଏହା ସ୍ପଷ୍ଟ ଯେ ହିନ୍ଦୀରେ ପ୍ରତ୍ୟେକ ବିଶେଷ୍ୟର ୨-୩ ନୁହେଁ ବରଂ ୬ଟି ରୂପ ଥାଏ । ଏମାନଙ୍କ ମଧ୍ୟରୁ କିଛି ରୂପ ଏକ ପରି ଦେଖାଯାନ୍ତି କିନ୍ତୁ ଅନ୍ୟ ପ୍ରସଙ୍ଗରେ ପ୍ରୟୋଗ କଲେ ଅନ୍ୟ ଅର୍ଥ ଥାଏ । ଏଣୁ କରି ୧ରେ 'ଲଡକେ' ବହୁବଚନ(କର୍ତ୍ତା)କିନ୍ତୁ ୨ରେ ଏକବଚନ(ବିଭକ୍ତି ପୂର୍ବ 'ନେ'ରୁ ପ୍ରଥମେ) ବ୍ୟବହାର କରାଯାଇଛି । ଦେଖିବାକୁ ଗଲେ 'ଘର'ର ତିନୋଟି ରୂପ ଅଛି- ଘର ଘରୋଁ ଓ ଘରୋ । 'ଲଡକା'ର ୪ଟି ରୂପ ଅଛି- ଲଡକା, ଲଡକେ, ଲଡକୋଁ ଏବଂ ଲଡକୋ, କିନ୍ତୁ ପ୍ରୟୋଗର ଆଧାର





ଅନୁସାରେ ୬ଟି ରୂପ ହେବ।

'ଲଡକା' ସଂଜ୍ଞାର ପ୍ରୟୋଗ ଆଧାର ଅନୁସାରେ ୬ଟି ରୂପକୁ ଗ୍ରହଣ କରିବାକୁ ପଡିବ। :

୫.ଲଡକା ଖେଲ ରହାହେ।

(ପୁଅଟି ଖେଳୁଛି) A boy is Playing

୬.ଲଡକେ ଖେଲ ରହେ ହେଁ।

(ପୁଅମାନେ ଖେଳୁଛନ୍ତି)

୭. ଲଡକେ ନେ ଖାନା ଖାୟା।

(ପୁଅ ପିଲାଟି ଖାଦ୍ୟ ଖାଇଲା)

୮. ଲଡକୋଁ ନେ ଖାନା ଖାୟା।

(ପୁଅ ପିଲାମାନେ ଖାଦ୍ୟ ଖାଇଲେ)

୯. ଓ ଲଡକେ, ଇଧର ଆ।

(ଏ ପୁଅ ପିଲା, ଏଠିକୁ ଆସିଲୁ)

୧୦. ଓ ଲଡକୋ, ଇଧର ଆଓ।

(ପୁଅ ପିଲାଏ, ଏଠିକି/ଏଠାକୁ ଆସ)

ବାକ୍ୟ ୫ରେ 'ଲଡକା' ଏକବଚନ କର୍ତ୍ତା। ବାକ୍ୟ ୬ରେ 'ଲଡକେ' ବହୁବଚନ କର୍ତ୍ତା ରୂପ। ବାକ୍ୟ ୭ରେ 'ଲଡକେ' ଏକବଚନ ଏବଂ ବାକ୍ୟ ୮ରେ 'ଲଡକୋଁ' ବହୁବଚନ କର୍ତ୍ତା। ବାକ୍ୟ ୯ରେ 'ଲଡକେ' ଏକ ବଚନ ସମ୍ବୋଧନ ଏବଂ ବାକ୍ୟ ୧୦ରେ 'ଲଡକୋ' ବହୁବଚନ ସମ୍ବୋଧନ।

ଶବ୍ଦ ଗଠନରୁ ଆଉ ଏକ ଉଦାହରଣ ହେଉଛି ଶବ୍ଦ ଗଠନ ପ୍ରକ୍ରିୟାରେ ଇଂରାଜୀ ଓ ହିନ୍ଦୀ ଓ ଓଡ଼ିଆରେ କେତେଗୁଡ଼ିଏ ନିୟମ ଅଛି ଯେଉଁ ନିୟମ ଅନୁସାରେ ଶବ୍ଦ ବିଶେଷଣରେ ପରିଣତ ହୁଏ। ଉଦାହରଣସ୍ୱରୂପ rain+y= rainy(adj) (ଶବ୍ଦରେ କେବଳ (y) ଯୁକ୍ତ ହେବ), fun+y=funny(adj) (ଗୋଟିଏ (n) ସହିତ ଆଉ ଗୋଟିଏ (n) ଯୋଗ ହେବ), sun+y=sunny(adj) (ଗୋଟିଏ (n) ସହିତ ଆଉ ଗୋଟିଏ (n) ଯୋଗ ହେବ) , cloud+y=cloudy (ଶବ୍ଦରେ କେବଳ (y) ଯୁକ୍ତ ହେବ) ଇତ୍ୟାଦି ଶବ୍ଦମାନଙ୍କରେ 'ଇ' ଧ୍ୱନିକୁ ଯୋଗ କରାଗଲେ। ଏଗୁଡିକ ବିଶେଷରେ ପରିଣତ ହେବେ। ଇଂରାଜୀ ବର୍ଣ୍ଣମାଳାର 'y'ଅକ୍ଷର ଏହି ଶବ୍ଦମାନଙ୍କ ପଛରେ ଯୋଡି ଦିଆଯାଉ। ହିନ୍ଦୀରେ ମଧ୍ୟ ଏହି ଭଳିଆ କିଛି ଶବ୍ଦଗୁଚ୍ଛ((Cluster)) ଅଛନ୍ତି ଯାହା ପରେ 'ଇ' ଧ୍ୱନିକୁ ଯୋଗ କଲେ ସେଗୁଡିକ ବିଶେଷଣରେ ପରିଣତ ହେବେ। ଉଦାହରଣସ୍ୱରୂପ- ସରକାର ଓ ବାଇଗଣ ଶବ୍ଦରେ 'ଇ' ଯୋଗ କଲେ, ଏହି ଶବ୍ଦ ଯୋଡାକ ସରକାରୀ ଓ ବାଇଗଣି ହେବେ। ଏଗୁଡିକ ବିଶେଷଣ ଅଟନ୍ତି।

## ୧.୩.୩ ବାକ୍ୟ ଗଠନ

୫ରୁ୧୦ ନମ୍ବର ବାକ୍ୟ ସହିତ ନିମ୍ନଲିଖିତ ବାକ୍ୟଗୁଡିକ ତୁଳନା କରନ୍ତୁ।

ଟିପ୍ପଣୀ

୧୧. ଲଡକୀ ଖେଲ ରହି ଥି।

୧୨. ଲଡକିୟା ଖେଲ ରହି ଥି।

୧୩. ଲଡକି ନେ ଖାନା ଖାୟା।

୧୪. ଲଡକିୟୋଁ ନେ ଖାନା ଖାୟା।

୧୫. ଲଡକି ନେ ଲଡକି କୋ ମାରା।

୧୬. ଲଡକି ନେ ଲଡକେ କୋ ମାରା।

୧୭. ଲଡକା ନେ ରୋଟି ଖାଇ।

୧୮. ଲଡକି ନେ ରୋଟି ଖାଇ।

ଆମ୍ଭେ ଯତ୍ନର ସହ ଯଦି ୫ରୁ ୧୮ ବାକ୍ୟ ପର୍ଯ୍ୟନ୍ତ ଦେଖିବା ଆମେ ଜାଣିପାରିବା ଯେ ବାକ୍ୟ ଗଠନସ୍ତରରେ ମଧ୍ୟ ବାକ୍ୟଗୁଡିକ ନିୟମରେ ବନ୍ଧା।

ବାକ୍ୟ ୭,.୧୩, ୧୪,୧୫,୧୬,୧୭ ଏବଇ ୧୮ରେ ଆମ୍ଭେ ଦେଖି ପାରୁଛୁ ଯେ ବାକ୍ୟ ୭ ଓ ୮ ରେ କ୍ରୟାର ରୂପ କର୍ତ୍ତା ସାଥୀରେ ନ ବଦଳି କର୍ମ ଅନୁସାରେ ବଦଳୁଛି। ଏହି କଥା ବାକ୍ୟ ୧୭ ଓ ୧୮ରେ ମଧ୍ୟ ଦେଖିବାକୁ ମିଳୁଛି। ୭ ଓ ୮ ବାକ୍ୟରେ କର୍ତ୍ତା ପୁଂଲିଙ୍ଗ ହେବାରୁ କ୍ରିୟା ମଧ୍ୟ ପୁଲିଙ୍ଗ ହେଉଛି। ବାକ୍ୟ ୧୭ ଓ ୧୮ ରେ କର୍ମ ସ୍ତ୍ରୀଲିଙ୍ଗ ହେତୁ କ୍ରିୟା ମଧ୍ୟ ସ୍ତ୍ରୀଲିଙ୍ଗ ହେଉଛି।

## *୧.୩.୪ ସମ୍ବାଦ ଗଠନ(Discourse Structure)*

ଯେଉଁ ପ୍ରକାର କି ଭାଷା ଧ୍ୱନି ଓ ବାକ୍ୟସ୍ତରରେ ନିୟମବଦ୍ଧ ଅଟେ। ସେଇ ପ୍ରକାର ସଂବାଦ ସ୍ତରରେ ମଧ୍ୟ ନିୟମବଦ୍ଧ। ଯାହାକି ଲୋଲମାନଙ୍କ ସହିତ ସମାଜରେ କଥା ବାର୍ତ୍ତା ସମୟରେ ବଦଳାଇ ହେବ ନାହିଁ। ଏହା ସଂବାଦ((Discourse)ର ଏକ ନିୟମ ଯେ ଯେତେବେଳେ କଥୋପକଥନ ଚାଲିଛ ଶ୍ରୋତା ସେ କଥାକୁ ପ୍ରାତ୍ୟାଖ୍ୟାନ କରିବା ଉଚିତ୍ ନୁହେଁ। କଥାବାର୍ତ୍ତାରେ ବେଳେ ବେଳେ ଏହି ପ୍ରକାର ଭ୍ରାନ୍ତି ସୃଷ୍ଟି ହୁଏ କାରଣ ଆମେ ପରସ୍ପରର କଥାକୁ ଧ୍ୟାନର ସହ ଶୁଣି ନ ଥାଉ।

ବେଳେ ବେଳେ ଏମିତି ହୁଏ ଯେ କଥାବାର୍ତ୍ତା ସମୟରେ ଶ୍ରୋତା ଦୁଃଖିତ ହୁଅନ୍ତି। କିନ୍ତୁ କଥା ଯେତେବେଳେ ସ୍ୱଷ୍ଟ ହୋଇଯାଏ ସେତେବେଳେ ବକ୍ତା ବୁଝିପାରନ୍ତ ଯେ ସେ କୌଣସି ଖରାପ କଥା କହି ନାହାନ୍ତି। ଶ୍ରୋତା ଦୁଃଖ କରନ୍ତି ନାହିଁ। ଭାଷା ଓ ବିଚାର ସ୍ତରରେ ଏମିତି ଲକ୍ଷଣଗୁଡିକ ପ୍ରକାଶ ପାଏ। ଯେ ବାକ୍ୟଗୁଡିକ ଯେପରିକି ଆମ୍ଭେ ବାକ୍ୟଗୁଡିକରେ ସେ, ସେମାନେ କିନ୍ତୁ କାରଣ ଏଥିପାଇଁ ଶବ୍ଦଗୁଡିକୁ ବ୍ୟବହାର କରିଥାଉ। ଯଦି କେହି କହୁଛି ଯେ, 'ମୋର ଏଥିପାଇଁ ବିଳମ୍ବ ହେଲା କାରଣ ରାସ୍ତାରେ ବହୁତ ଗାଡିମଟର ଚଳପ୍ରଚଳ ହେଉଥିଲା।' ଏହି ବାକ୍ୟରୁ ଆମେ ଯଦି ଏଥିପାଇଁ ଓ କାରଣ ଶବ୍ଦ ଦୁଇଟିକୁ ବାହାର କରିଦେବା ବାକ୍ୟଗୁଡିକ ଅର୍ଥହୀନ ହୋଇଯିବେ। ବିଚାରସ୍ତରରେ ଗୋଟିଏ ସଂବାଦ(Discourse) ସେଇଠି ଶେଷ ହେବ ଯେଉଁ ବାକ୍ୟଗୁଡିକ ଶବ୍ଦ ବ୍ୟବହାର ଶୃଙ୍ଖଳା ଅନୁଯାୟୀ ପରସ୍ପର ସହିତ ସଂପୃକ୍ତ(linked)।

ଶ୍ରେଣୀ କୋଠରୀରେ ପିଲାମାନେ କୌଣସି ବିଷୟ ଉପରେ ଝଗଡା ହେଲେ, ଭାଷଣ ସମୟରେ

ବକ୍ତାଙ୍କୁ ପ୍ରଶ୍ନ ପଚାରିବା ଅଭ୍ୟାସ କଲେ ପିଲାଏ ଏହା ଜାଣିପାରିବେ ଯେ କୌଣସି ବିଷୟ ସମ୍ବନ୍ଧରେ ସଂବାଦ ପରିବେଷଣ(Discourse) କିପରି ହୋଇଥାଏ।



*ନିଜ ପ୍ରଗତିକୁ ପରଖି ଦେଖ-୨*

୧. ହିନ୍ଦୀ ଭାଷାରେ ସଂଜ୍ଞାର ରୂପ ସଂଖ୍ୟା କେତୋଟି(କ,ଖ, ଗ, ଘ) ମଧ୍ୟରୁ ନିର୍ବାଚିତ ଗୋଟିକରେ ଚିହ୍ନ ଦିଅ।

କ) ପାଞ୍ଚ

ଖ) ତିନି

ଗ) ଦୁଇ

ଘ) ଛଅ

୨. ଯଦି ଶବ୍ଦର ଆରମ୍ଭରେ ତିନୋଟି ବ୍ୟଞ୍ଜନ ଧ୍ୱନି ବ୍ୟବହୃତ ହେଲେ

- ପ୍ରଥମ ବ୍ୟଞ୍ଜନ ଧ୍ୱନି କେବଳ 'ସ' ହେବ।
- ଦ୍ୱିତୀୟ ବ୍ୟଞ୍ଜନ ଧ୍ୱନି କେବଳ 'ପ', 'ତ' କିମ୍ୱା 'କ' ହେବ।
- ତୃତୀୟ ବ୍ୟଞ୍ଜନ ଧ୍ୱନି କେବଳ 'ୟ', 'ର', 'ଲ' କିମ୍ୱା 'କ' ହେବ।

୩. କ) ରାମ ଖାନା ଖାତା ହେ

(ରାମ ଖାଦ୍ୟ ଖାଉଛି)

ଖ) ସୀତା ଖାଦ୍ୟ ଖାଉଛି

(ସୀତା ଖାଦ୍ୟ ଖାଉଛି)

ଉପରୋକ୍ତ ୨ଟି ବାକ୍ୟକୁ ଦେଖି କୁହନ୍ତୁ ଯେ କର୍ତ୍ତା ଏବଂ କ୍ରିୟା ମଧ୍ୟରେ ସମ୍ପର୍କ କଣ ରହିଛି ?

## *୧.୪- ମାନକ ଭାଷା (Standard Language)*

ଭାଷା ମାନକିକରଣ ପରମ୍ପରାଗତ ପ୍ରକ୍ରିୟାର କିଛି ନିର୍ଦ୍ଦିଷ୍ଟସ୍ତର ଅନୁସରଣ କରିଥାଏ। ପ୍ରଥମସ୍ତର ଏହା ଯେ କୌଣସି ସମାଜରେ ପ୍ରଚଳିତ ଥିବା ଭାଷାଗୁଡିକ ମଧ୍ୟରୁ ଯେ କୌଣସି ଗୋଟିଏ ଭାଷାକୁ ବଛାଯାଏ। ଏହି ଭାଷା ସମାଜର ସେହି ଗୋଷ୍ଠୀ ଯେଉଁମାନଙ୍କର ବିଶେଷ କ୍ଷମତା ଥିଲା ସେମାନେ ନିୟନ୍ତ୍ରିତ କରୁଥିଲେ। ବ୍ରାହ୍ମଣବାଦୀ ସମାଜରେ ସଂସ୍କୃତ ମାନକ ଭାଷା ରୂପେ ଥିଲା। ଆରବରୁ ଯେତେବେଳେ ଆସିଥିବା ଲୋକ କ୍ଷମତାରେ ଥିଲେ, ସେତେବେଳେ ଆରବିକ ମାନକ ଭାଷା ଥିଲା ଏବଂ ଯଦି ଇରାକର ଲୋକମାନେ ଶାସନ କରୁଥାନ୍ତେ, ପାର୍ସୀ ମଧ୍ୟ ମାନକ ଭାଷା ହୋଇଥାନ୍ତା। ଯେତେବେଳେ ଇଂରେଜ ଲୋକଙ୍କ ରାଜତ୍ୱରେ ଭାରତରେ ଥିଲା ଭାରତରେ ଅନ୍ୟ ସବୁ ଭାଷାକୁ ଛାଡି

ଟିପ୍ପଣୀ

ଇଂରାଜୀ ଭାଷାରେ ଅଫିସ୍ କାର୍ଯ୍ୟ ଚାଲିଲା। ଏବେ ହିନ୍ଦୀ ଏବଂ ଇଂରାଜୀ ହେଉଛି ଜାତୀୟସ୍ତରରେ ବା ମାନକ ଭାଷା ରୂପେ ବ୍ୟବହୃତ ହେଉଛି। ଦ୍ୱିତୀୟସ୍ତରରେ ଏହା ଯେ ଏହି ଭାଷାମାନଙ୍କର ଅନେକ ଶୈଳୀ ମଧ୍ୟରୁ ଇଂରାଜୀ ଭାଷା ବିଷୟରେ ଆମେ ଯେବେ ଚର୍ଚ୍ଚା କରିବା ଏହାର ବିକଶିତ ହୋଇଥିବା ଶୈଳୀ ଯାହାକି ଅକ୍ସଫୋର୍ଡ ଓ କେମ୍ବ୍ରିଜ ଅଭିଧାବ ବ୍ୟବହୃତ ହୁଏ ତାହା ଅକ୍ସଫୋର୍ଡ ଓ କେମ୍ବ୍ରିଜର ଆଖପାଖରେ ବ୍ୟବହାର କରାଯାଏ। ତାହା ମାନକ ଭାଷା ହୋଇଯାଏ। ତୃତୀୟସ୍ତରରେ ବଛା ଯାଇଥିବା ଭାଷାର ବ୍ୟାକରଣ ଓ ଅଭିଧାନ ପ୍ରସ୍ତୁତ କେତେ ପ୍ରକାରର ସନ୍ଦର୍ଭ ଗ୍ରନ୍ଥ ମଧ୍ୟ ଲେଖାଯାଇଥାଏ। ଏହି ଶୈଳୀରେ ସରକାରୀ କାର୍ଯ୍ୟକ୍ରମ ଅନୁସୃତ ହୁଏ। ଖବରକାଗଜ ଏବଂ ପତ୍ରିକା ଛପା ଯାଏ। ଏହି ଶୈଳୀ ଶିକ୍ଷାର ଓ ପ୍ରଚାର ମାଧ୍ୟମ ହୋଇଯାଏ। ଏହିସବୁ କାରଣ ଯୋଗୁ ଗୋଟିଏ ଭାଷା ମାନକ ଭାଷା (Standard Language) ହୋଇଯାଏ। ମାନକ ଭାଷାର ଚତୁର୍ଥସ୍ତର ଏହାର କେବଳ ଶବ୍ଦକୋଷ(ଅଭିଧାନ) ବା ଗୋଟିଏ ବ୍ୟାକରଣ ପୁସ୍ତକ ନ ଥାଏ, ବରଂ ଭାଷା ବିଭିନ୍ନ ରୂପରେ ଯଥା: ଚଳଚ୍ଚିତ୍ର, ସାହିତ୍ୟ, ସଙ୍ଗୀତ ଆଦି ଦ୍ୱାରା ବିକଶିତ ହୋଇଥାଏ ।

ମାନକିକରଣ ପ୍ରକ୍ରିୟା ସାମାଜିକ ଶୋଷଣ ପ୍ରକ୍ରିୟା ସହ ଜଡିତ। ଏକ ଅଞ୍ଚଳରେ ସମାଜରେ ଚଳୁଥିବା ଅନେକ ଭାଷାରୁ ଗୋଟିଏ ଭାଷାକୁ ମାନକ ଭାଷା ରୂପେ ବଛା ଯାଏ। ଯେଉଁ ଭାଷା ରାଜନୈତିକ କ୍ଷମତା, ବ୍ୟାବସାୟିକ କ୍ଷମତା ଏବଂ ଅନ୍ୟାନ୍ୟ ସହିତ ଜଡିତ  ଶକ୍ତିଶାଳୀ ଓ ପ୍ରତିଷ୍ଠା ଥିବା ବ୍ୟକ୍ତିମାନଙ୍କ ଗୋଷ୍ଠୀ ଉପରେ ନିର୍ଭର କରିଥାଏ।

***ନିଜ ପ୍ରଗତିକୁ ପରଖି ଦେଖ-୩***

୧. ମାନକ ଭାଷା ସାଧାରଣତଃ ସମାଜରେ ଥିବା ସେହି ବର୍ଗ ପାଇଁ ହୁଏ, ଯିଏକି ସମାଜରେ........................ଅଟନ୍ତି।

୨. ମାନକୀକରଣର ପରମ୍ପରାଗତ ପ୍ରକ୍ରିୟା ସମାଜିକ ପରିବର୍ତ୍ତନ ପ୍ରକ୍ରିୟା ସହ କିପରି ଜଡିତ ?

................................................................................................

................................................................................................

................................................................................................

................................................................................................

................................................................................................

୩. ଭାଷାର ପ୍ରକୃତି ଏହା ଯେ ଏହା ନିରନ୍ତର ଭାବେ ବଦଳୁଥାଏ। ତା ହେଲେ ଭାଷାର ମାନବିକରଣ କରିବାର ଆବଶ୍ୟକତା କଣ ? ନିଜର ମତ ପ୍ରଦାନ କରନ୍ତୁ।

................................................................................................

................................................................................................

................................................................................................

................................................................................................

................................................................................................

................................................................................................

## ୧.୫- ଭାଷାର ମନସ୍ତାତ୍ତ୍ୱିକ ଦିଗ (The Psychological Aspect of language)

ଏହା ନିଶ୍ଚିତ ଯେ ଭାଷାର ମଣିଷ ମସ୍ତିଷ୍କ ସହ ବହୁତ ଗଭୀର ସମ୍ବନ୍ଧ ରହିଛି। ଏହା ପରୀକ୍ଷା କରି ଦେଖାଯାଇଛି ଯେ ମସ୍ତିଷ୍କର କୌଣସି ନିର୍ଦ୍ଦିଷ୍ଟ ଅଂଶରେ ଆଘାତ ହେଲେ ସବୁ ଅଂଶ ଠିକ୍ ଥାଇ ମଧ୍ୟ ଭାଷା ବିଭ୍ରାନ୍ତ ହୋଇ ଯାଏ। ବେଳେ ବେଳେ ବୁଝିବା କଷ୍ଟ ହୁଏ ତ ବେଳେବେଳେ କହିବା ଅସ୍ଥିର ହୁଏ। କେତେ ବେଳେ ଶବ୍ଦ ଗଠନ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ତ ବେଳେବେଳେ ବାକ୍ୟ ଗଠନରେ ଅସୁବିଧା ହୋଇଥାଏ।

ଦ୍ୱିତୀୟ କଥା ଏହା ଯେ ପିଲାଟିଏ ଭାଷାର ଏକ ସାର୍ବଭୌମିକ ରୂପକୁ ନେଇ ଜନ୍ମଗ୍ରହଣ କରିଥାଏ। ଯେପରିକି ଆମେ ଦେଖିବା ଶୁଣିବା ଓ ଚାଲିବା ପାଇଁ ଶାରୀରିକ ଓ ମାନସିକ ପ୍ରସ୍ତୁତି ନେଇ ଆସୁ। ସେହିପରି ଭାଷାର ଏକ ଛବି ଆମ ମାନସପଟରେ ଆଙ୍କି ହୋଇଯାଏ। ପୃଥିବୀର ସମସ୍ତ ଭାଷାରେ ବିଶେଷ୍ୟ, କ୍ରିୟା ବିଶେଷଣ ଇତ୍ୟାଦି ବ୍ୟାକରଣଗତ ଧାରଣା ଅଛି। ସବୁଭାଷାର କର୍ତ୍ତା, କର୍ମ ଓ କ୍ରିୟା ମଧ୍ୟରେ ସମ୍ବନ୍ଧ ରହିଛି। ଏହା ମଧ୍ୟ ଠିକ୍ ଯେ ସୁସ୍ଥ ମାନସିକତା ବିଶିଷ୍ଟ ପୃଥିବୀର ସମସ୍ତ ପିଲା ନିଜ ଅଞ୍ଚଳରେ ନିକଟରୁ ଅନ୍ୟାନ୍ୟ ଅଞ୍ଚଳରେ  କୁହାଯାଉଥିବା ସମସ୍ତ ଭାଷା ଶିଖି ଯାଆନ୍ତି। ଭାଷା ଯେତେ ଜଟିଳ ହେଲେ ମଧ୍ୟ ପିଲାଏ ଏହି ଭାଷାଗୁଡ଼ିକୁ ଶିଖି ପାରନ୍ତି। ଯଦି ଆମ୍ଭେ ଭାଷାର ସାର୍ବଜନୀନ ବ୍ୟାକରଣ(Universal Grammar)ର ପରିକଳ୍ପନା କରି ନ ଥାନ୍ତେ, ତେବେ ଏତେ ସହଜ ଓ ସ୍ୱାଭିବିକ ଭାବେ ପିଲାଏ ଏତେ କମ ବୟସରେ ନିଜର ମାତୃଭାଷାକୁ ଆୟତ୍ତ କରି ପାରନ୍ତେ ନାହିଁ। ଆପଣ ଏହା ନିଶ୍ଚୟ ଜାଣିଥିବେ ଯେ ପିଲାଏ ନିଜ ଭାଷାରେ କଦାପି ଭୁଲ୍ କରନ୍ତି ନାହିଁ। ଯଦି କୈଣସି ଭୁଲ୍ କରନ୍ତି, ତା ହେଲେ ତହା ଶୀଘ୍ର ସୁଧାରି ନିଅନ୍ତି।

'ସ୍କୁଟର'କୁ ଛୋଟ ପିଲା 'କୁଟର' ଏବଂ 'ଗର୍ମି'କୁ 'ଗରମ' କହନ୍ତି। ବାକ୍ୟସ୍ତରରେ ମଧ୍ୟ ସେମାନେ ଜଟିଳ ବାକ୍ୟର ବ୍ୟବହାର କରନ୍ତି ନାହିଁ। ଏବଂ ତା ବିନା ମଧ୍ୟ ସେମାନେ ଭାଷାର କାମ ଚଳାଇ ପାରନ୍ତି। ଉଦାହରଣସ୍ୱରୂପ ଆଜି ମୋତେ ସ୍କୁଲ ଯିବାକୁ ଅଛି। କହି ନ ପାରି ପିଲାଟି 'କୁଲ ଯିବି' କହିବ।

ଉପରେ ବର୍ଣ୍ଣିତ କଥାଗୁଡ଼ିକ ଭାଷାର କିଛି ମନସ୍ତାତ୍ତ୍ୱିକ ଦିଗ ପ୍ରତି ଇଙ୍ଗିତ କରେ। ପିଲାଟିଏ ଜନ୍ମଗତ ଭାଷା ଆହରଣ କରିବାର କ୍ଷମତା ସଭା ଜନ୍ମ ନିଏ। ସାମଜିକ ପରିବେଶ ସଂସ୍ପର୍ଶରେ ଆସି ତାର ଧିରେ ଧିରେ ଜଟିଳ ହୁଏ। ଏହି ଜନ୍ମଗତ କ୍ଷମତା/ନିପୁଣତାରେ ଏକ ସାର୍ବଜନୀନ ବ୍ୟାକରଣ(Universal Grammar) ର ଚିତ୍ର ପ୍ରଦାନ କରୁଛି। ପରିବେଶରୁ ଭାଷା ଆହରଣର ସୁଯୋଗ ଥିବା ଯୋଗୁ ତାର ଭାଷା ଶିକ୍ଷଣ  ଦୃଢୀଭୂତ କରିଥାଏ।

**ନିଜ ପ୍ରଗତିକୁ ପରଖି ଦେଖ: ୪**

୧.  କ) ପିଲାଙ୍କର ଭାଷା ଶିଖିବାର......................କ୍ଷମତା ଥାଏ।

ଖ). ପ୍ରତ୍ୟୋକ ପିଲା ଭାଷାର ଏକ ................ସ୍ୱରୂପ ନେଇ ଜନ୍ମ ନେଇଥାଏ।

୨. ମସ୍ତିଷ୍କର ଏକ ନିର୍ଦ୍ଦିଷ୍ଟ ଅଂଶରେ ଆଘାତ ଲାଗିଲେ ଭାଷା ସମ୍ବନ୍ଧୀୟ କଣ କଣ ସମସ୍ୟା ଦେଖାଯାଏ।

..........................................................................................................

ଟିପ୍ପଣୀ



..............................................................................................................

..............................................................................................................

..............................................................................................................

୩. ପିଲାଏ ଜନ୍ମ ଭାଷାଗତ କ୍ଷମତା ନେଇ ଜନ୍ମଗ୍ରହଣ କରିଥାନ୍ତି । ଆପଣ ଭାବୁଛନ୍ତି କି ଜଣେ ପିଲାକୁ ଜନ୍ମ ବେଳକୁ ଜଙ୍ଗଲରେ ଛାଡି ଦେଲେ ସେ ତା ସମାଜର ଭାଷାକୁ ଶିଖିପାରିବ ? ଯଦି ନୁହେଁ ତାହାଲେ ଜନ୍ମଜାତ କ୍ଷମତା ସହ ଭାଷା ଆହରଣ ଓ ଶିଖିବା ପାଇଁ ଆଉ କଣ ଆବଶ୍ୟକ ?

..............................................................................................................

..............................................................................................................

..............................................................................................................

..............................................................................................................

ଭାଷା ଶିଖିବା ପାଇଁ ଔପଚାରିକ ଓ ଅନୌପଚାରିକ ଶିକ୍ଷଣ ମଧ୍ୟରେ କ'ଣ ପାର୍ଥକ୍ୟ ରହିଛି ?

..............................................................................................................

..............................................................................................................

..............................................................................................................

..............................................................................................................

## ୧.୬- ଭାଷାର ସାମାଜିକ ପକ୍ଷ

ଆମେ ଆଗରୁ ଭାଷା ଓ ସମାଜ ବିଷୟରେ କିଛି କହିଛୁ । ଯେତେବେଳେ ପିଲାଏ ଭାଷା ଆହରଣ କରନ୍ତି, ସେମାନେ ଭାଷାର ବ୍ୟବହାର ସଠିକ୍ କରନ୍ତି । ସେମାନେ ଭାଷାର ପ୍ରାସଙ୍ଗିକତାକୁ ବିଚାରକୁ ନେଇ ଠିକ୍ ଭାବରେ ଏହାକୁ ପ୍ରୟୋଗ କରନ୍ତି । ପିଲାଏ ଶୀଘ୍ର ଶିଖିଥାନ୍ତି କାହାକୁ କିପରି ବ୍ୟବହାର କରାଯିବ । କେଉଁ ସ୍ଥାନରେ ଭାଷାକୁ କିପରି ପ୍ରୟୋଗ କରାଯିବ ଏବଂ କେଉଁ ମୁହୂର୍ତ୍ତରେ ଭାଷାକୁ କିପରି ବ୍ୟବହାର କରାଯିବ ।

ପିଲା ନିଜ ପରିବେଶରୁ ଯେଉଁ ଭାଷାକୁ ଶୁଣେ ସେ ସେହି ଭାହାକୁ ଶିଖିଯାଏ । ଆମର ଶବ୍ଦ ନିର୍ବାଚନ ସଦାବେଳେ ବିଭିନ୍ନ ଘଟଣା(Facts)ଗୁଡ଼ିକ ଉପରେ ନିର୍ଭର କରିଥାଏ । ସେଗୁଡ଼ିକ ହେଲା ଭାଷା ବ୍ୟବହାର କରିବାର ପରିପ୍ରେକ୍ଷୀ ପ୍ରସଙ୍ଗ ଓ ପରିଲକ୍ଷିତ (Context) ଯାହାକୁ କୁହାଯାଉଛି, କେଉଁ ଜାଗାରେ କୁହାଯାଉଛି ଏବଂ ବିଷୟ ବସ୍ତୁ କଣ ? ଆପଣ ଆପଣଙ୍କ ପିତାଙ୍କୁ ଆପଣଙ୍କ ଘରକାର୍ଯ୍ୟ (Home Work) ବିଷୟରେ ଯେପରି କହିବେ ଆପଣ ନିଜ ସ୍କୁଲ ଶିକ୍ଷକଙ୍କୁ ସେ ସମ୍ବନ୍ଧରେ ଭିନ୍ନ ପ୍ରକାର କହିବେ । ଆପଣ ନିଜ ସାଙ୍ଗସାଥୀମାନଙ୍କୁ ଯେଉଁ ଭାଷା କହୁଛନ୍ତି ସେହି ଭାଷାରେ ଆପଣଙ୍କ ପ୍ରିନସିପାଲ୍‌ଙ୍କୁ କହିପାରିବେ ନାହିଁ ।

ସାମାଜିକ ବିବିଧତାର ଛାପ ମଧ୍ୟ ଭାଷା ଦ୍ୱାରା ପ୍ରକାଶିତ ହୁଏ । ଦୀର୍ଘଦିନ ଧରି ଏକ ସମାଜରେ ବସବାସ କରୁଥିବା ଅନ୍ୟ ଜାତି ଓ ବର୍ଗ ସମୂହରେ ଭାଷା ଭିନ୍ନ ଭିନ୍ନ ହୋଇଥାଏ । ସେହିପରି ଭୌଗଳିକ



ଟିପ୍ପଣୀ

ସ୍ତରରେ ମଧ୍ୟ ୧୫-୨୦ କି.ମି ଦୂରରେ ଅବସ୍ଥାନ କରୁଥିବା ବ୍ୟକ୍ତିମାନଙ୍କ ଭାଷାରେ ମଧ୍ୟ ଭିନ୍ନତା ଦେଖାଯାଏ। ଉଦାହରଣସ୍ୱରୂପ 'ପାଣି' ତ ସମ୍ବଲପୁରରେ 'ପାଏନ୍', ଦିଲ୍ଲୀରେ 'ସ୍କୁଲ ତ ପଞ୍ଜାବରେ 'ସକୁଲ'। ଏପ୍ରକାରର ବିଭିଧତା ସାମାଜିକ ବିବିଧତା ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ।

ଆମେ ପରବର୍ତ୍ତୀ ଏକକରେ ଭାରତର ଭାଷାଗତ ବିବିଧତା ବିଷୟରେ ଆଲୋଚନା କରିବା। ସେହି ଜଣେ ବ୍ୟକ୍ତି ବିଭିନ୍ନ ସାମାଜିକ ଏବଂ ପେଶାଗତ ପରିବେଷ୍ଟନୀ ମଧ୍ୟରେ ଯେବେ ବିଚାର ଆଲୋଚନା କରେ ଭିନ୍ନ ଭିନ୍ନ ଭାଷାର ପ୍ରୟୋଗ କରେ। ଭାରତରେ ଏହା ବହୁତ ସାଧାରଣ କଥା ଯେ କଲେଜ୍ ଯାଉଥିବା ଝିଅଟିଏ ଘରେ ମାରୱାଡ଼ି ଭାଷା କହେ, ସାଙ୍ଗମାନଙ୍କ ସହ ହିନ୍ଦୀରେ କଥା ହୁଏ ଏବଂ କଲେଜ୍‌ରେ ଇଂରାଜୀ ଭାଷାରେ କଥା ହୁଏ। ଏହିଭଳି ଭାଷାଗତ ବିବିଧତା ଥିବା ଦେଶମାନଙ୍କ ମଧ୍ୟରେ ଏହିଭଳି ଭାଷାଗତ ବ୍ୟବହାର ପରିଲକ୍ଷିତ ହୁଏ। ପ୍ରତ୍ୟେକ ଭାଷାଗତ ବିବିଧତା ଥିବା ଦେଶମାନଙ୍କରେ ଲୋକମାନେ ଭାଷା ବ୍ୟବହାର ହେଉଥିବା ସ୍ଥାନମାନଙ୍କ ଅନୁସାରେ କେଉଁ ଭାଷା ବ୍ୟବହାର ହେବ ତାହା ନିରୁପଣ କରିଥାନ୍ତି। ଆମେରିକାରେ ସାଧାରଣ ଲୋକମାନେ ଯେଉଁ ଭଳି ଭାବରେ ଇଂରାଜୀରେ କଥା ହୋଇଥାନ୍ତି ତାହା ଶିକ୍ଷାନୁଷ୍ଠାନ ତଥା ବିଶ୍ୱବିଦ୍ୟାଳୟରେ ବ୍ୟବହୃତ ଇଂରାଜୀ ଭାଷାଠାରୁ ଭିନ୍ନ।

## ନିଜ ପ୍ରଗତିକୁ ପରଖି ଦେଖ-୫

୧. ପ୍ରତି ୧୫-୨୦ କି,ମି ଦୂରରେ ବସବାସ କରୁଥିବା ଲୋକସମୂହଙ୍କ ଭାଷାରେ ଅଧିକ ଭିନ୍ନତା କେଉଁ ସ୍ତରରେ ହୁଏ ?

କ). ବାକ୍ୟ

ଖ). ଶବ୍ଦ

ଗ). ଧ୍ୱନି

ଘ). ସଂବାଦ

୨. ଭାଷାର ବିବିଧତା ସାମାଜିକ ବୈଧତା ସହ ପ୍ରତ୍ୟକ୍ଷ ଭାବରେ କିପରି ଜଡ଼ିତ ?

..........................................................................................................

..........................................................................................................

..........................................................................................................

..........................................................................................................

୩. କର୍ତ୍ତା ବାର୍ତ୍ତା ସମୟରେ ଶବ୍ଦର ନିର୍ବାଚନ କାହା ଉପରେ ନିର୍ଭର କରେ ?

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

..........................................................................................................

## ୧.୭ ଭାଷା ଓ ସାହିତ୍ୟ (Language and Literature)

ଭାଷା ନିଜର ସବୁ ପ୍ରକାରର ଶୈଳୀରେ ଠିକ୍ ଥାଏ। ଶୁଣିକରି ଅନ୍ୟର କଥା ବୁଝି ହୁଏ, କେହି କରି ନିଜର କଥାକୁ ଅନ୍ୟକୁ ବୁଝାଇହୁଏ ଅଥବା ପଢ଼ିକରି ମଧ୍ୟ ବୁଝିହୁଏ। କିନ୍ତୁ ସାହିତ୍ୟର ଭାଷାର ରୂପ ଯାହା ଆମକୁ ବୁଝାପଡ଼େ, ତାହା ଅତ୍ୟନ୍ତ ମନୋହର, କବିତା, କାହାଣୀ ଓ ନାଟକ ଆଦିରେ ବ୍ୟବହାର ହେଉଥିବା ନିର୍ଦ୍ଦିଷ୍ଟ ଭାଷାର ଶୈଳୀକୁ ବିଶ୍ଲେଷଣ କରିବା ଭାଷାବିତ୍‌ମାନଙ୍କ ପାଇଁ ଏକ ଆହ୍ୱାନ। ସାହିତ୍ୟରେ ବ୍ୟବହୃତ ଧ୍ୱନି, ଶବ୍ଦ, ବକ୍ୟ ଓ ସଂବାଦ(Discourse)କୁ ଯଦି ବିଶ୍ଲେଷଣ କରାଯାଏ ତା'ହେଲେ ଦେଖିବାକୁ ପାଇବେ ଯେ ଲୋକେ ଦୈନନ୍ଦିନ କାର୍ଯ୍ୟ ପାଇଁ ବ୍ୟବହାର କରୁଥିବା ଭାଷାଠୁ ଏହା ଭିନ୍ନ। ସାହିତ୍ୟରେ ଉପମା, ରୂପକ, ଆଦି ଶବ୍ଦ ବ୍ୟବହାର କରାଯାଇଥାଏ। ଏମାନଙ୍କୁ ବ୍ୟବହାର କଲେ ଶବ୍ଦ ଓ ଅର୍ଥରେ ଚମତ୍କାରିତା ପରିସ୍ଫୁଟ ହୋଇଥାଏ। ଉପମାର ଅର୍ଥ ହେଉଛି ଯେ ଦୁଇଟି ଭିନ୍ନ ବସ୍ତୁ ବା ବ୍ୟକ୍ତି ଭିତରେ ସମାନ ଗୁଣ ଓ ଧର୍ମର ଆଧାରରେ ସମାନତା ଦେଖାଇବା। ଯେପରିକି -କାଶ୍ମୀର ଭାରତର ଭୂସ୍ୱର୍ଗ ଅଟେ। ଏଠି କାଶ୍ମୀର(ଉପମେୟ)କୁ ସ୍ୱର୍ଗର ସୁନ୍ଦରତା(ଉପମାନ) ସହ ସମାନ କରାଯାଇଅଛି। ରୂପକ ରେ ଦୁଇଟି ଭିନ୍ନ ବସ୍ତୁ ବା ବ୍ୟକ୍ତିଙ୍କ ନମଧ୍ୟରେ ଭେଦ ନ ଥିବା ସମ୍ପର୍କକୁ ପ୍ରକାଶ କରିବାକୁ ବ୍ୟବହାର କରାଯାଇଥାଏ, ଯେପରିକି କାଶ୍ମୀର ସ୍ୱର୍ଗ ଅଟେ। ଏଠି କାଶ୍ମୀର ଓ ସ୍ୱର୍ଗ ମଧ୍ୟରେ କିଛି ସାମଞ୍ଜସ୍ୟ ଅଛି। ରୂପରେ ଭିନ୍ନ ହେଲେ ମଧ୍ୟ ଗୁଣରେ ସମାନ ବୈଶିଷ୍ଟ୍ୟ ରହିଛି। ସମାନ ଅର୍ଥବୋଧକ ଶବ୍ଦ ବା ପର୍ଯ୍ୟାୟବାଚୀ ଶବ୍ଦଗୁଡିକ ସାମନ୍ୟ ଭିନ୍ନ ହେଲେ ମଧ୍ୟ ପ୍ରାୟ ସମାନ ହୋଇଥାନ୍ତି। ଯେପରିକି ହିନ୍ଦୀରେ-ତନୟା, ତନୁଜା, ଆତ୍ମଜାବେଟି, କନ୍ୟା, ଦୁହିତା, ସୂତା, ଲଡ଼କି ଏସବୁଙ୍କୁ ଗୋଟିଏ ଦୃଷ୍ଟିରେ ବ୍ୟବହାର କରାଯାଇଥାଏ।

ଭାଷା ସମ୍ବନ୍ଧୀୟ ଏହି କଳାତ୍ମକ ଉପକରଣମାନଙ୍କ ପ୍ରୟୋଗ ଦ୍ୱାରା ଭାଷାରେ ନବୀନତା ଏବଂ ବିଶିଷ୍ଟତାର ସମାବେଶ ହୁଏ। ଏକକ-୭-ରେ ଏହି ଉପକରଣମାନଙ୍କ ଉପରେ ବିସ୍ତାରିତ ଭାବେ ଚର୍ଚ୍ଚା କରାଯାଇଛି।

ନିଜ ପ୍ରଗତିକୁ ପରଖି ଦେଖ-୫

୧. ପୁତ୍ରୀର ସମଅର୍ଥବୋଧକ ଶବ୍ଦଟିକୁ ନିମ୍ନୋକ୍ତ ମଧ୍ୟରୁ ବାଛି ଠିକ୍ ଚିହ୍ନ ଦ୍ୱାରା ସୂଚାଅ।

କ) ତନୁଜା

ଖ) ଆତ୍ମଜା

ଗ) ଅନୁଜା

ଘ) ତନୟା

୨. ଉପମା, ରୂପକ ଓ ଧ୍ୱନି ସମାନତା ଉପରେ ୨-୨ଟି ଉଦାହରଣ ଦିଅ।

..........................................................................................

..........................................................................................

..........................................................................................

..........................................................................................

.......................................................................................................

୩. ଉପମା ଓ ରୂପକ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ବୁଝାଅ।

.......................................................................................................

.......................................................................................................

.......................................................................................................

.......................................................................................................

## ୧.୮- ଭାଷାରେ ପାରଦର୍ଶିତା (Language Proficiency)

ଆମେ କେତେବେଳେ କହିପାରିବା ଯେ ଜଣେ ବ୍ୟକ୍ତି ଭାଷାରେ ଦକ୍ଷ ବା ପ୍ରବୀଣ। ଏହାର ଦୁଇଟି ଦିଗ ଅଛି। ଏହା ମଧ୍ୟରୁ ଗୋଟିଏ ଶିଶୁ ୩-୪ ବର୍ଷ ଭିତରେ ନିଜ ଭାଷାରେ ନିପୁଣ ହୋଇଯାଏ। ଦ୍ୱିତୀୟ କଥା ହେଉଛି ଏହା ଯେକୌଣସି ବ୍ୟକ୍ତି ଗୋଟିଏ ଭାଷାରେ ପୂର୍ଣ୍ଣ ମାତ୍ରାରେ ନିପୁଣ ବୋଲି କହିପାରିବା ନାହିଁ କାରଣ ସବୁବେଳେ ନୂଆ କିଛି ଶବ୍ଦ ଏବଂ ନୂଆ ଅଭିବ୍ୟକ୍ତି (Expression) ଶିଖିବାର ଆବଶ୍ୟକତା ରହିଛି। ଏହ ମଧ୍ୟ ଚିନ୍ତା କରିବାକୁ ପଡିବ ଯେ ଆପଣ ଏବଂ ଆପଣଙ୍କ ପଡୋଶୀ ଏବଂ ପାଖାପାଖି ନିଜ ସମାଜରେ ବ୍ୟବହୃତ ହୋଉଥିବା ଭାଷା ଶିଖୁଛନ୍ତି ନା ସହରରେ ବ୍ୟବହୃତ ଭାଷା ଯାହାକି ଏକ ଦ୍ୱିତୀୟ ଭାଷା ବା କେଉଁ ବିଦେଶୀ ଭାଷା ଶିଖୁଛନ୍ତି।

ଭାଷା ଶିଖିବା ପାଇଁ ଦୁଇଟି ପରିସ୍ଥିତି ଗୁରୁତ୍ୱପୂର୍ଣ୍ଣ। ଅନୌପଚାରିକ (Informal) ଓ ଔପଚାରିକ(Formal)। ସ୍ୱାଭାବିକ ଭାଷାଶିକ୍ଷାର ତାତ୍ପର୍ଯ୍ୟ ଏହି ଯେ ପିଲାଏ ବିନା ଭାଷା ଶିକ୍ଷାରେ ନିଜ ଭାଷାକୁ ତଥା ପାଖ ପଡୋଶୀଙ୍କ ଭାଷାକୁ ଆୟତ କରିପାରନ୍ତି। ଏହି ପ୍ରକ୍ରିୟାରେ ମାଆବାପା ଆଦି କେହି ଔପଚାରିକ ଢଙ୍ଗରେ ଭାଷା ଶିକ୍ଷାଦାନ କରି ନଥାନ୍ତି। ପିଲାଏ ଭଲ କରନ୍ତୁ ଅବା ନ କରନ୍ତୁ ଭୁଲ୍‌ଗୁଡିକ ଉପହାସ କରାଯାଇ ନ ଥାଏ। ବରଂ ସ୍ନେହର ସହ ପାଠକମାନଙ୍କ ସହିତ ସେଗୁଡିକ ଆଦାନପ୍ରଦାନ କରାଯାଇଥାଏ। ଆଶ୍ଚର୍ଯ୍ୟର କଥା ଏହା ଗଠନରେ ପିଲାଏ ଅତି ସହଜରେ ଭାଷା ଶିଖିପାରନ୍ତି।

ଔପଚାରିକ ଶିକ୍ଷାଦାନରେ ଶ୍ରେଣୀ ଗୃହରେ ଶିକ୍ଷକ/ଶିକ୍ଷୟତ୍ରୀ ଏବଂ କଳାପଟା ଆଦି ଶିକ୍ଷଣ ସହାୟକ ସାମଗ୍ରୀର ଆବଶ୍ୟକତା ଅଛି। ପୁସ୍ତକ ସହିତ ଅନ୍ୟ ସାଧନ ଯଥା ମାନଚିତ୍ର, କାର୍ଯ୍ୟଫଳ ଆଦିର ମଧ୍ୟ ଆବଶ୍ୟକତା ରହିଛି ଯଥା ରେଡିଓ, ଟିଭି, ସିଡି ପ୍ଲେୟର୍ ଆଦର ମିଶ୍ରଣରେ ଭାଷା ପ୍ରୟୋଗଶାଳା ପ୍ରସ୍ତୁତ କରାଯାଏ। ଦୁଃଖର କଥା ଏହା ଯେ ଆମେ ଯେତେ ଚେଷ୍ଟା କଲେ ମଧ୍ୟ ପିଲାଏ ଭାଷାରେ ଆଶାନୁରୂପକ ନିପୁଣତା ହାସଲ କରିପାରନ୍ତି ନାହିଁ। ସେମାନେ ସ୍ୱାଭାବିକ ପରିସ୍ଥିତିରେ ଶିଖନ୍ତି। ଏହାର ଅର୍ଥ ଏହା ଯେ ୫-୬ ବର୍ଷର ବୟସ ବେଳକୁ ପିଲାଙ୍କୁ ଠିକ୍ ସେହି ପ୍ରକାରର ସମାଜକୁ ନିଆଯାଉ ଯେଉଁଠି ଭାଷା ସ୍ୱାଭାବିକ୍ ଭାବରେ ଆହରଣ କରାଯାଏ କିମ୍ବା ଶିକ୍ଷକ/ଶିକ୍ଷୟତ୍ରୀ ଶ୍ରେଣୀ ଗୃହରେ ସେଭଳି ପରିସ୍ଥିତି ସୃଷ୍ଟି କରନ୍ତୁ ଯେଉଁଠି ପିଲାଟି ଦ୍ୱିତୀୟ ବା ତୃତୀୟ ଭାଷା ସଜହରେ ଶିଖିପାରିବ।

ଯେତେ ଦୂର ପର୍ଯ୍ୟନ୍ତ ଭାଷାରେ ନିପୁଣତାର ପ୍ରଶ୍ନ ଉଠେ, ଆମେ ଏହାର ମୂଲ୍ୟାୟନ, ଶ୍ରବଣ, କଥନ, ପଠନ ଓ ଲିଖନ ଇତ୍ୟାଦିର ଖଣ୍ଡମାନଙ୍କୁ ନେଇ କରିଥାଉ। ଏହା ଆମେ ଭଲ ଭାବରେ ଜାଣୁ ଯେ ଭାଷାର

ଟିପ୍ପଣୀ

ପ୍ରୟୋଗ ବିଖଣ୍ଡିତ ଭାବରେ ହୁଏ ନାହିଁ ବରଂ ସାମଗ୍ରିକ ଭାବରେ କରାଯାଏ। ଉଦାହରଣସ୍ୱରୂପ ଯଦି ଆପଣ କୌଣସି ଡାକ୍ତରଙ୍କୁ ଫୋନ୍ କରି କୌଣସି ଔଷଧର ନାମ ପଚାରୁଛନ୍ତି, ତେବେ ଆପଣ ଶୁଣି ବୁଝନ୍ତି, ଲେଖୁଛନ୍ତି ଏବଂ ପଢୁଛନ୍ତି। ଅର୍ଥାତ ଆପଣ ୪ଟି କୌଶଳର ଏକା ସାଙ୍ଗରେ ପ୍ରୟୋଗ କରୁଛନ୍ତି। ଏଣୁ ଭାଷାର ମୂଲ୍ୟାୟନ ଏହି କୌଶଳଗୁଡିକ(Skills) ସାମଗ୍ରିକ ହେବା ଉଚିତ୍। ୧୦-ଏକକରେ ଆମେ ଏ ବିଷୟରେ ବିସ୍ତାରିତ ଭାବେ ବିଚାର କରିବୁ। ପିଲାର ଭାଷାରେ ନିପୁଣତା ସମ୍ବନ୍ଧରେ ଏତିକି କୁହାଯାଇପାରିବ ଯେ ପ୍ରତ୍ୟେକ ପିଲା ନିଜର ଘରୁ ଓ ସାହିପଡୋଶୀଙ୍କ ଭାଷାରେ ଭାବର ଆଦାନପ୍ରଦାନ ଭାଷା ପ୍ରକାଶରେ ଅଭ୍ୟସ୍ତ। ଆସିବା ପୂର୍ବରୁ ନିପୁଣ ହୋଇଥାଏ। ଭାଷାର କଥନ ଶୈଳୀରେ ପ୍ରବିଣତା ବା ନିପୁଣତା ଯାହାକି ହେଉଛି କୌଣସି ଚେଷ୍ଟା ନ କରି ପିଲାଟି ନିଜ ପରିବେଶରୁ ଆହରଣ କରିଥାଏ।

***ନିଜ ପ୍ରଗତିକୁ ପରଖି ଦେଖ-୬***

୧. ଭାଷା ଶିକ୍ଷା କରିବାର ନିମ୍ନୋକ୍ତ ଔପଚାରିକତା ମାଧ୍ୟମ ମଧ୍ୟରୁ କେଉଁଟା ପ୍ରଯୁଜ୍ୟ ନୁହେଁ ?

କ). ଶିକ୍ଷା

ଖ). ଭାଷା ପ୍ରୟେଗଶାଳା

ଗ). ବିଦ୍ୟାଳୟ

ଘ). ଘରୋଇ ପରିବେଶ

୨. ଭାଷା ଶିକ୍ଷା ପାଇଁ କେଉଁ ଦୁଇଟି ସ୍ଥିତିର ମାନ୍ୟତା ଅଛି।

.......................................................................................................

.......................................................................................................

.......................................................................................................

...............................................................................

୩. ପିଲାଟିଏ ନିଜ ମାତୃଭାଷାରେ କିପରି ନିପୁଣତା ହାସଲ କରିଥାଏ ?

.......................................................................................................

.......................................................................................................

.......................................................................................................

.......................................................................................................

୪. ଭାଷାରେ ନିପୁଣତା ସଂଗ୍ରହ ମୂଲ୍ୟାୟନ ପାଇଁ କି ପ୍ରକାର ପରିସ୍ଥିତିର ଆବଶ୍ୟକତା ଅଛି ?

.......................................................................................................

.......................................................................................................

.......................................................................................................

.......................................................................................................

## ୧.୯- ସାରାଂଶ

ଟିପ୍ପଣୀ

- ଭାଷା କେବଳ କଥାବାର୍ତ୍ତାର ମାଧ୍ୟମ ନୁହେଁ କିମ୍ବା ଅଭିଧାନ ଓ ବ୍ୟାକରଣର ସମଷ୍ଟି ନୁହେଁ।
- ଭାଷା ମଣିଷର ପରିଚୟ। ଭାଷାରୁ ବ୍ୟକ୍ତିର ବ୍ୟକ୍ତିତ୍ୱ ସମ୍ପର୍କରେ ସବୁ କିଛି ଜଣାପଡିଥାଏ।
- ଭାଷା କୌଣସି ସମାଜରେ ବସବାସ କରୁଥିବା ବ୍ୟକ୍ତିଙ୍କର ଆପୋଷ ସମ୍ପର୍କକୁ ପ୍ରକାଶ କରିବା ସଙ୍ଗେ ସଙ୍ଗେ ସାମାଜିକ- ଆର୍ଥିକ ଉଚ୍ଚନୀଚ ସ୍ଥିତିଗୁଡିକ ପ୍ରକାଶ କରେ।
- ପୃଥିବୀର ଯେକୌଣସି ସ୍ଥାନରେ ବସବାସ କରୁଥିବା ୪ ବର୍ଷର ପିଲାଟିଏ ଭାଷାଗତ ଦୃଷ୍ଟିକୋଣରୁ ବୟସ୍କ। ସେ ଭାଷାର ଆଧାରିତ ଶବ୍ଦାବଳୀ ଓ ବାକ୍ୟଗଠନର ନିୟମଗୁଡିକ ଶିଖିଯାଏ।
- ସମସ୍ତ ଭାଷା ପାଇଁ ବ୍ୟାକରଣ ଅଛି ଏବଂ ଧ୍ୱନି, ଶବ୍ଦ, ପଦ, ବାକ୍ୟ ଓ ସଂବାଦସ୍ତରରେ ପୁରାପୁରି ନିୟମବଦ୍ଧ ଅଟେ। ଏଗୁଡିକୁ ଭାଷାରେ ସୁନିୟୋଜିତ କରିବାର ବ୍ୟବସ୍ଥା ଅଛି।
- ଭାଷା ପରିବର୍ତ୍ତନଶୀଳ ଅଟେ। ଗୋଟିଏ ପରବର୍ତ୍ତୀ ପୁରୁଷାନୁକ୍ରମେ ଅନ୍ୟ ପିଢିରେ ଭାଷାଟିକିଏ ଭିନ୍ନ ଅଟେ।
- ସବୁ ଭାଷାରେ ନିଜସ୍ୱ ଧ୍ୱନିର ବ୍ୟବସ୍ଥା ଅଛି। ସ୍ୱର ବ୍ୟଞ୍ଜନ ଧ୍ୱନି ସବୁ ଭାଷାରେ ଅଛି। ଏଗୁଡିକୁ ନିର୍ଦ୍ଧାରିତ କ୍ରମରେ ସଜା ଯାଇଥାଏ। ଅଧିକ ଶବ୍ଦ ଆରମ୍ଭରେ ସ୍ୱର ଧ୍ୱନିର ଆଗରେ ତିନୋଟିରୁ ଅଧିକ ବ୍ୟଞ୍ଜନ ଧ୍ୱନି ବ୍ୟବହାର ପ୍ରାୟ କରାଯାଏ ନାହିଁ।
- ଭାଷାର ମାନକିକରଣର ପରମ୍ପରାଗତ ପ୍ରକ୍ରିୟା ସମାଜିକ ପ୍ରକ୍ରିୟାରେ ଯୋଡି ହୋଇଥାଏ।
- ପ୍ରତ୍ୟେକ ପିଲା ଭାଷା ଆଗରଣ ନିମିତ୍ତ ଅନ୍ତର୍ନିହିତ ସାମର୍ଥ୍ୟ ଜନ୍ମରୁ ନେଇ କରି ଆସିଥାନ୍ତି, ଯାହା ସାର୍ବଜନୀନ ବ୍ୟାକରଣ (Universal Grammar) ଶିଖିବାରେ ସାହାଯ୍ୟ କରିଥାଏ। ଭାଷା ଶିଖିବା କ୍ଷମତା ଏକ ଜନ୍ମଗତ କ୍ଷମତା। ଉପଯୁକ୍ତ ଭାଷାର ଅନୁକୂଳ ପରିବେଶ ପିଲାଙ୍କୁ ବିଶେଷ ଭାବରେ ସାହାଯ୍ୟ କରେ।
- ପିଲାଟି କେବଳ ଭାଷାଗତ ନିପୁଣତା ହାସଲ କରେ ତାହା ନୁହେଁ, ସାମଜିକସ୍ତରରେ ସେ ତାକୁ ପ୍ରୟୋଗ କରିବାର କ୍ଷମତା ମଧ୍ୟ ହାସଲ କରିଥାଏ।
- ସାହିତ୍ୟର ଭାଷା ଓ ସାଧାରଣ ଭାଷା ମଧ୍ୟରେ ପ୍ରଭେଦ ଅଛି।
- ଭାଷାରେ ନିପୁଣତାର ମୂଲ୍ୟାୟନ ଶ୍ରବଣ, କଥନ, ପଠନ ଏବଂ ଲିଖନ(LSRW)- ଏହି ୪ଟି କୌଶଳଗୁଡିକ ସାମଗ୍ରିକ ରୂପରେ ଦେଖିବା ଉଚିତ୍।

## ୧.୧୦- ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

Agnihotri R.K(2007) Hindi: An Essential Grammer. London : Routledge

Srivastava R.N91983) Bhashaashaashtara ke Suutradhaar. Delhi: National Publishing Hours

Vandpaadhay, P and Agnihotri, R,K(2000) Bhaashaa: bahubhaashitaa aur hindi, Delhi: Shilalekh.

ଟିପ୍ପଣୀ



## ପାଠାନ୍ତ ପ୍ରଶ୍ନାବଳୀ

୧. ଭାଷା ଓ ସମାଜ ପରସ୍ପରକୁ ପ୍ରଭାବିତ କରିଥାନ୍ତି କି ? ଉଦାହରଣ ମାଧ୍ୟମରେ ଉତ୍ତର ଦିଅ।

୨. ବହୁ ଭାଷିକତା କହିଲେ କଣ ବୁଝ ? ତୁମେ ଦ୍ୱିଭାଷିକ ନା ବହୁଭାଷିକ ?

୩. ଧ୍ୱନି, ଶବ୍ଦ ଏବଂ ବାକ୍ୟସ୍ତରରେ ଭାଷା କିପରି ନିୟମ ଆଧାରିତ ତାହା ଉଦାହରଣ ମାଧ୍ୟମରେ ଦର୍ଶାଅ।

୪. ହିନ୍ଦୀ ଶବ୍ଦରେ 'ଇ' ଯୁକ୍ତ କଲେ ତାହା ବିଶେଷଣରେ ପରିଣତ ହୁଏ। ଯଥା ସଂସ୍କାର-ସଂସ୍କାରୀ, ଅପରାଧ-ଅପରାଧୀ। ସେହିଭଳି ବିଶେଷ୍ୟକୁ ବିଶେଷଣରେ ପରିଣତ କରିବା ପାଇଁ ଅନ୍ୟ କେତେକ ଉପାୟ ଉଲ୍ଲେଖ କର।

୫. ଭାଷାର ମାନବୀକରଣ ପ୍ରକ୍ରିୟାର ସୋପାନଗୁଡ଼ିକ ବିଷଦ ଭାବରେ ବୁଝାଅ।

୬. ବ୍ୟକ୍ତି, ସ୍ଥାନ ଏବଂ ପ୍ରସଙ୍ଗ ପରିପ୍ରେକ୍ଷୀରେ ଭାଷାର କିପରି ପରିବର୍ତ୍ତନ ହୋଇଥାଏ, ଉପଯୁକ୍ତ ଉଦାହରଣ ମାଧ୍ୟମରେ ବୁଝାଅ।

୭. ସାହିତ୍ୟର ଭାଷା ଏବଂ ଦୈନନ୍ଦିନ ଭାଷା ମଧ୍ୟରେ କ'ଣ କ'ଣ ତଫାତ୍ ରହିଚି। ଉଦାହରଣ ମାଧ୍ୟମରେ ବୁଝାଅ।

୮. ଭାଷା ଆହରଣରେ ପରିବେଶ କେଉଁ ପ୍ରକାର ଭୂମିକା ସମ୍ପାଦନ କରିଥାଏ ?

## ପ୍ରକଳ୍ପ କାର୍ଯ୍ୟ

- ବିଦ୍ୟାଳୟରେ ପଢାଯାଉଥିବା ଭାଷା, ଗୃହରେ ବ୍ୟବହୃତ ଭାଷାଠାରୁ ଭିନ୍ନ ହୋଇଥିବାରୁ ପିଲାମାନେ ବିଦ୍ୟାଳୟରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତୁମେ କେତୋଗୋଟି ଶ୍ରେଣୀ କାର୍ଯ୍ୟ ପର୍ଯ୍ୟବେକ୍ଷଣ କର। ଏହି ସମସ୍ୟାଗୁଡ଼ିକରେ ଏକ ତାଲିକା ପ୍ରସ୍ତୁତ କର।
- ନିଜ ଆଞ୍ଚଳିକ ଭାଷା ଭିନ୍ନ ଅନ୍ୟ ମାଧ୍ୟମରେ ଯେଉଁ ପିଲାମାନଙ୍କୁ ପଢାଯାଉଛି, ସେମାନେ ଅସୁବିଧାରେ ସମ୍ମୁଖୀନ ହେଉଛି ଓ ବୋଲି ତୁମେ ଭାବୁଛ କି ? ତୁମେ ବିଦ୍ୟାଳୟଟିକୁ ଏହିକାର୍ଯ୍ୟ ଉପଯୁକ୍ତ ମନେ କରୁଛି ସେହି ବିଦ୍ୟାଳୟର ଶିକ୍ଷଣ ପରିସ୍ଥିତି ପର୍ଯ୍ୟବେକ୍ଷଣ କରି ଏକ ବିବରଣୀ ପ୍ରସ୍ତୁତ କର।
- ଗୋଟିଏ ୪ ବର୍ଷର ଶିଶୁ ସହିତ ତୁମର କଥୋପକଥନର ବିବରଣୀ ଲିପିବଦ୍ଧ କର। ସେ ଯେ ତା ଭାଷାର ବ୍ୟାକରଣ ଜାଣିଛ, ଏହା ପ୍ରତିପାଦିତ କର। ଉଣ୍ଣଞ୍ଚ